## ସଂକ୍ଷେପରେ

### ଇଣ୍ଡିଆନ ପ୍ରସ୍ଥୋଡୋଣ୍ଟିକ୍ ସୋସାଇଟିର ସମ୍ମିଳନୀ

ଭୁବନେଶ୍ୱର,୫।୮(ଅଭିଜିତ ଦାସ)

ଇଣ୍ଡିଆନ ପ୍ରସ୍ଥୋଡୋଣ୍ଟିକ୍ ସୋସାଇଟି (ଆଇପିଏସ୍) ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର କ୍ରାଉନ୍ ହୋଟେଲରେ ୨ୟ ରାଜ୍ୟ ସମ୍ମିଳନୀ ଆୟୋଜିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ ଯୋଗଦେଇଥିଲେ। ଲୋକଙ୍କ ଦୈନନ୍ଦିନ ଜୀବନରେ ଲାଗି ରହୁଥିବା ଦାନ୍ତ ସମସ୍ୟାର ଚିକିତ୍ସା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ସୋନାଲି ପର୍ଟି, ଡାକ୍ତର ଜଙ୍ଗଲା ହରି, ଡାକ୍ତର ଶିବକୁମାର, ଡାକ୍ତର ଜତିନ କାଲ୍ରାଙ୍କ ସମେତ ୨୦୦ରୁ ଅଧିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଯୋଗଦେଇଥିଲେ।

### ୫ ମୋବାଇଲ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୫।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀର ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି କରିବା ପରେ ସେଗୁଡିକୁ କମ୍ ଟଙ୍କାରେ ବିକ୍ରି କରୁଥିବାବେଳେ ଶହୀଦନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଚିଣ୍ଟୁ ସାହୁ। ତାଙ୍କଠାରୁ ୫ ଟି ଚୋରା ମୋବାଇଲ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଚିଣ୍ଟୁ ଆଇଡିବିଆଇ ଛକ ନିକଟରେ ଫୋନ୍ ସବୁକୁ କମ୍ ଦାମରେ ବିକ୍ରି କରିବା ଲାଗି ଛାତ୍ର ତଥା ଲୋକଙ୍କୁ ଦେଖାଉଥିବାବେଳେ ପୋଲିସ ଧରିଥିଲା।

### ୧୧ ଜିଲାରେ ଆରମ୍ଭ ହେବ କୃମିମୁକ୍ତ ଅଭିଯାନ

ଭୁବନେଶ୍ୱର,୫।୮(ଅଭିଜିତ ଦାସ): ସରକାରଙ୍କ ଆକଳନ ଅନୁଯାୟୀ ରାଜ୍ୟରେ ୨୯.୭ ପ୍ରତିଶତ ପିଲା କୃମି(ଏସ୍‌ଟିଏଚ୍)ରେ ସଂକ୍ରମିତ। ଏହା ସେମାନଙ୍କ ଶାରୀରିକ ଏବଂ ଜ୍ଞାନଗତ ବିକାଶ ପାଇଁ କ୍ଷତିକାରକ ଅଟେ। ମହିଳା ଏବଂ ଶିଶୁ ବିକାଶ, ବିଦ୍ୟାଳୟ ଏବଂ ଗଣଶିକ୍ଷା, ଏସ୍‌ଟି ଓ ଏସ୍‌ସି ବିକାଶ ଏବଂ ପଞ୍ଚାୟତିରାଜ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସମନ୍ୱୟରେ ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ିଗୁଡ଼ିକରେ କୃମିମୁକ୍ତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଆଲ୍‌ବେଣ୍ଡାଜୋଲ ଖାଇବା ଓ ଜଳ ପରିମଳ ଏବଂ ସ୍ୱଚ୍ଛତା ଅଭ୍ୟାସର ଲାଭ ଉପରେ ଧ୍ୟାନ ଦେଇ ତୀବ୍ର ସଚେତନତା ସୃଷ୍ଟି କାର୍ଯ୍ୟକଳାପ ମଧ୍ୟ କରାଯାଉଛି। ଅଗଷ୍ଟ ମାସରେ ୧୯ଟି ଜିଲାରେ ଜାତୀୟ କୃମି ମୁକ୍ତ ଦିବସ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇ ୧୯ ବର୍ଷରୁ କମ୍ ପିଲାମାନଙ୍କୁ ଆଲ୍‌ବେଣ୍ଡାଜୋଲ ଦିଆଯାଇଛି। ଅବଶିଷ୍ଟ ୧୧ଜିଲାରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ। ଏହାକୁ ସଫଳ କରିବା ଲାଗି ଜିଲାପାଳଙ୍କ ସ୍ତରରେ ବୈଠକ, ସରକାରୀ ଏବଂ ବେସରକାରୀ ସ୍କୁଲରେ ସ୍ୱତନ୍ତ୍ର ଡ୍ରାଇଭ ଆୟୋଜନ କରାଯିବ ବୋଲି ଶନିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

# ବନ୍ଧୁତ୍ୱର ଅଭୁଲା ସ୍ମୃତି



ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ) – ବନ୍ଧୁତା ସବୁ ସମ୍ପର୍କଠାରୁ ଊର୍ଦ୍ଧ୍ୱରେ। ତେବେ ଏହି ସମ୍ପର୍କକୁ ଅଧିକ ଦୃଢ଼ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟର ପ୍ରଥମ ରବିବାରକୁ ଭାରତରେ ବନ୍ଧୁତ୍ୱ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ କିଏ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ୍ ବାନ୍ଧୁଛନ୍ତି ତ ଆଉ କିଏ କାର୍ଡ, ଫୁଲ ଦେଇ ସ୍ୱତନ୍ତ୍ର ଭାବେ ପାଳନ କରୁଛନ୍ତି। ସାଙ୍ଗ ମେଳରେ ଏକାଠି ହୋଇ ନାଚଗୀତ କରି ଦିନଟିକୁ ନିଆରା ଢଙ୍ଗରେ କାଟୁଛନ୍ତି। ତେବେ ନିଜ ବନ୍ଧୁ ଓ ବନ୍ଧୁତାକୁ ନେଇ ରହିଥିବା ସ୍ମରଣୀୟ ଘଟଣାକୁ ନେଇ ଏଥରର ଉପସ୍ଥାପନା।

### ସାଙ୍ଗର ଉପହାର ଆଜି ବି ମୋ ପାଇଁ ସ୍ପେଶାଲ

ମହର୍ଷି କଲେଜରେ ଯୁକ୍ତ୨ ପଢୁଥିବାବେଳେ ଡ୍ୟାନ୍ସରେ ମୁଁ ସ୍ୱତନ୍ତ୍ର ପରିଚୟ ପାଇଥିଲି। ମୋର ଏକ ସାଙ୍ଗ ଗ୍ରୁପ୍ ଥିଲା। ପ୍ରଦୀପ୍ତ, ଅମ୍ରିତ, ବିକାଶ, ଚିନ୍ମୟ, ଅର୍ଣ୍ଣବ ପ୍ରମୁଖ ସାଙ୍ଗ ମୋତେ ସବୁବେଳେ ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଥିଲେ। ଥରେ ରବୀନ୍ଦ୍ର ମଣ୍ଡପରେ ଇଣ୍ଟରକଲେଜ ଡ୍ୟାନ୍ସ ପ୍ରତିଯୋଗିତା ହେଉଥିଲା। ସାଙ୍ଗଙ୍କ କଥାରେ ସେଠାକୁ ଯାଇଥିଲି। ହେଲେ କୌଣସି ପ୍ରାଇଜ୍ ନ ମିଳିବାରୁ ମୁଁ ମନ ଦୁଃଖରେ ଫେରିଥିଲି। ମୋ ଅପେକ୍ଷା ସେହି ସାଙ୍ଗମାନଙ୍କୁ ବେଶି ଖରାପ ଲାଗିଥିଲା। ତେଣୁ ସେମାନେ ତାଙ୍କ ପକେଟ୍ ମନିରୁ ଭୁବନେଶ୍ୱରର ଏକ ଦୋକାନରୁ ନଟରାଜ ମୂର୍ତ୍ତି କିଣି ମତେ ପ୍ରାଇଜ୍ ଭାବେ ଦେଇଥିଲେ। ଏ ଘଟଣା ମୋତେ ବହୁତ ସ୍ପେଶାଲ ଫିଲ୍ କରାଇଥିଲା। ଏବେ ଆମଘରେ ମୋର ବହୁତ ଆୱାର୍ଡ ରହିଛି, ମାତ୍ର ସେହି ମୂର୍ତ୍ତି ଆଜି ବି ମୋ ପାଇଁ ସ୍ୱତନ୍ତ୍ର ହୋଇ ଘରେ ସଜା ହୋଇଛି।



–ସବ୍ୟସାଚୀ ମିଶ୍ର, ଅଭିନେତା

### ସାଙ୍ଗକୁ ବଞ୍ଚେଇ ନ ପାରିବା ଜୀବନର ବଡ ଦୁଃଖ

୧୯୯୨ ମସିହାର କଥା। ସେତେବେଳେ ମୁଁ କଲେଜରେ ପଢୁଥାଏ। ୪୦ଜଣ ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଯାଇଥିଲି। ମୋତେ ଛାଡ଼ି ସମସ୍ତେ ସମୁଦ୍ରରେ ଗାଧୋଇଲେ। ଲଘୁଚାପ ହୋଇଥିବାରୁ ମତ୍ସ୍ୟଜୀବୀମାନେ ମଧ୍ୟ ସମୁଦ୍ରକୁ ଯିବାକୁ ବାରଣ କରିଥିଲେ। ମୁଁ ମଧ୍ୟ ଯେତେ କହିଲି କେହି ଶୁଣିଲେନି। କିଛି ସମୟ ପରେ ଯିଏ ଯେମିତି ଫେରି ଆସିଲେ ମାତ୍ର ଜଣେ ସାଙ୍ଗ ସଞ୍ଜୟଙ୍କୁ ବଡ଼ ଢେ଼ଉ ବୁଡ଼ାଇ ଟାଣିନେଲା। ସେ ବୁଡିଯିବାବେଳେ ମୋତେ ଡାକୁଥିଲା। ଆଉ କହୁଥିଲା, ଋଷି ମୁଁ ତୋ କଥା ଶୁଣିଲିନି, ମୁଁ ବଞ୍ଚିବାକୁ ଚାହୁଁଛି ମତେ ବଞ୍ଚା। ଯେତେ ଚେଷ୍ଟା କଲେ ବି ମୁଁ ତାକୁ ବଞ୍ଚେଇ ପାରିଲିନି। ସେଠାରୁ ଫେରିବା ପରେ ତାଙ୍କ ଘରକୁ ଯାଇ ଏ ଖବର ଦେଲି। ସେଇଟା ମୋ ଜୀବନର ବଡ଼ ଦୁଃଖ। ସେବେଠାରୁ ସମୁଦ୍ର ପାଖକୁ ଗଲେ ମତେ ଡର ଲାଗେ।



–ଋଷି ପଟ୍ଟନାୟକ, ଅଭିନେତା

### ସାଙ୍ଗଙ୍କ ସହ ଆମ୍ବ ଚୋରି କରି ମାଡ଼ ଖାଉଥିଲି

ସସ୍ମିତା ମୋ ସାଙ୍ଗ। ପିଲାବେଳେ, ସ୍କୁଲ୍ ସମୟରେ ଆମେ ବହୁତ ଦୁଷ୍ଟ ହେଉଥିଲୁ। ଆମ୍ବତୋଟାକୁ ଯାଇ ଆମ୍ବ ଚୋରି କରୁ। ମୋ ପାଇଁ କିଣା ହୋଇଥିବା କଲମ ତାକୁ ଦେଇକି ପଳେଇ ଆସେ। ତା' ପାଇଁ ଘରେ ମୁଁ ବହୁତ ମାଡ଼ ଖାଇଛି। ଏମିତିକି ତା'ସହ ସାଙ୍ଗ ନ ହେବା ପାଇଁ ବାବା ମତେ ସବୁବେଳେ କୁହନ୍ତି। ମାତ୍ର ମୁଁ ତା' ସହିତ ହିଁ ସାଙ୍ଗ ହୁଏ। ମୋ ଜୀବନର ସବୁ ଘଟଣା ତାକୁ କୁହେ। ମୋ ଦୁଃଖ ସୁଖର ସାଥୀ ସେ। ଏବେ ସେ ବାଙ୍ଗାଲୋରରେ ରହୁଛି, ମାତ୍ର ଏବେ ବି ଆମ ଭିତରେ ବନ୍ଧୁତା ଦୃଢ ରହିଛି।



–ଦୀପ୍ତି ଗିରି, ଅଭିନେତ୍ରୀ

### ଜୀବନ ବଞ୍ଚାଇଥିଲା ବନ୍ଧୁ

ମୋର ସବୁଠୁ ଭଲ ସାଙ୍ଗ ଦୀପାଞ୍ଜଳି। କଲେଜରେ ପଢିବା ସମୟରେ ପ୍ରଥମେ କେହି କାହାକୁ ଚିହ୍ନି ନ ଥିଲୁ। ଦିନେ କଲେଜରୁ ଫେରିବା ବେଳେ ମୁଁ ଫୋନ୍ ଦେଖି ଦେଖି ରାସ୍ତାରେ ଆସୁଥାଏ। ପଛରୁ ଗୋଟିଏ ଗାଡ଼ି ସ୍ପିଡ୍‌ରେ ଆସୁଥିଲା। ଗାଡିଟା ପାଖାପାଖି ହେବାବେଳକୁ ହଠାତ୍ ଦୀପାଞ୍ଜଳି ମୋ ହାତ ଧରି ଟାଣି ଆଣିଥିଲା। ତା' ପାଇଁ ମୁଁ ଅଳ୍ପକେ ବର୍ତ୍ତି ଯାଇଥିଲି। ସେବେଠାରୁ ଆମେ ଦୁହେଁ ବହୁତ ଭଲ ସାଙ୍ଗ ପାଲଟିଯାଇଛୁ।



–ସୋନାଲୀ ପାଣିଗ୍ରାହୀ, ଛାତ୍ରୀ

### କୃତଜ୍ଞତା ଜଣାଇଲା ଓଡ଼ିଶା ନାଟ୍ୟସଂଘ



ଭୁବନେଶ୍ୱର,୫।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୁରସ୍କାର ସଂଖ୍ୟା ବୃଦ୍ଧି ପରେ ଓଡ଼ିଶାର କଳା, ସଂସ୍କୃତି ଓ ନାଟ୍ୟ ଜଗତରେ ଖୁସିର ଲହରି ଖେଳିଯାଇଛି। ଏ ନେଇ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଶନିବାର ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପ ସଭାପତି ମନ୍ମଥ କୁମାର ଶତପଥୀ ଓ ସଚିବ ପ୍ରବୋଧ ରଥଙ୍କୁ କୃତଜ୍ଞତା ଜଣାଇଛନ୍ତି ସଂଘର ସଭାପତି ହରେନ୍ ସାହୁ ଓ ସମ୍ପାଦକ ଶୁଭକାନ୍ତ ପାଢ଼ୀ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୯ତମ ଜୟନ୍ତୀରେ ପିଏମଜିଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା।

## ଚାକିରି ଛାଡ଼ି ସେବା, ସଂଗ୍ରାମରେ ସାମିଲ ହୋଇଥିଲେ ନୀଳକଣ୍ଠ

### ୧୩୯ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୫।୮(ଶର୍ମିଷ୍ଠା ପାଣିଗ୍ରାହୀ)

ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୯ତମ ଜୟନ୍ତୀ ଶନିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ପିଏମଜିଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ, ସୀତାବଲ୍ଲଭ ମହାପାତ୍ର, ପଣ୍ଡିତ ନୀଳକଣ୍ଠ ଦାଶଙ୍କ ନାତି ପୂର୍ଣ୍ଣେନ୍ଦୁ କୁମାର ଦାଶ, ପର୍ଶୁରାମ ଦ୍ୱିବେଦୀ, ଡ. ତ୍ରିନାଥ ହୋତା, ପ୍ରବୀର ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର, ଉଷାରାଣୀ ମହାନ୍ତି, ଉଇ ଫର୍ ଭୁବନେଶ୍ୱରର ନରେନ ସାହୁ, ରାମକୃଷ୍ଣ ଦାଶ, ପ୍ରଗତି ରଥ, ଅନୁପମା ବେହେରା, ରୀତା ମହାନ୍ତି, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଓ ଜୟ ଓଡିଶାର କର୍ମକର୍ତ୍ତା ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ନୀଳକଣ୍ଠ ସ୍ନାତକୋତ୍ତର ଶିକ୍ଷା ପରେ ପ୍ରଥମେ କୋଲକାତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ମାତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆହ୍ୱାନରେ ମାତ୍ର ୧୨ଟଙ୍କା ବେତନରେ ସେ ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇଲେ। ପରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ। ନବଭାରତ ଖବରକାଗଜ ପ୍ରକାଶ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ 'ସମାଜ' ସହ ବିଲୀନ କରି ଏହାର ସମ୍ପାଦକ ହୋଇଥିଲେ। ଓଡିଶା ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇ ଏହି ପଦବୀର ଗରିମା ରକ୍ଷା କରି ସମଗ୍ର ଭାରତ ବର୍ଷରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ଜଣେ ସାହିତ୍ୟିକ ଭାବେ ସେ ବହୁ ପୁସ୍ତକ ରଚନା କରି ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ବୋଲି ଅତିଥିମାନେ କହିଥିଲେ। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ଉପଶାସନ ସଚିବ ମାଥିଆସ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ଭୂଗୋଳ ମେଳା

ଭୁବନେଶ୍ୱର, ୫।୮(ଅସମାପିକା ସାହୁ)

ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ଭୂଗୋଳ ମେଳା ଓ ଚିତ୍ରକଳା ପ୍ରଦର୍ଶନୀ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୋଆ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ସୁଶାନ୍ତ କୁମାର କାମେଲା ଯୋଗଦେଇ କହିଲେ, ମାତାପିତା, ଗୁରୁଜନ ପିଲାଙ୍କ ପାଇଁ ଈଶ୍ୱର ସଦୃଶ। ଏହାକୁ ପାଥେୟ କରି ପିଲାମାନେ ନିଜ କର୍ତ୍ତବ୍ୟ କରି ଭଲ ମଣିଷ ହୁଅନ୍ତୁ। ପାଠପଢ଼ା ସହ ନିଜ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ମଧ୍ୟ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ରାହାସ ବିହାରୀ ନରେନ୍ଦ୍ର କହିଲେ, ବିଜ୍ଞାନମେଳାକୁ ପ୍ରକଳ୍ପ ଆଣିଥିବା କୁନି ବୈଜ୍ଞାନିକମାନେ ନିଷ୍ଠା ଓ ଏକାଗ୍ରତା ରଖି ବିଜ୍ଞାନ ପଠନ ଓ ଅନୁଶୀଳନରେ ମନୋନିବେଶ କଲେ ତାହା ଭବିଷ୍ୟତରେ ସେମାନଙ୍କୁ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ରୂପେ ଗଢ଼ି ତୋଳିବାରେ ସହାୟକ ହେବ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କିଶୋର ପୃଷ୍ଟି ପିଲାଙ୍କୁ ବିଶ୍ୱର ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆଦର୍ଶ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ୨୫୩ଟି ପ୍ରକଳ୍ପ ଓ ୩ଶହରୁ ଊର୍ଦ୍ଧ୍ୱ ଚିତ୍ରକଳା ବିଜ୍ଞାନମେଳା ଓ ପ୍ରଦର୍ଶନୀରେ ସାମିଲ ହୋଇଥିଲା। ଗୁରୁମା ସବିତା ରଥ ସହଯୋଗ କରିଥିବାବେଳେ ଗୁରୁଜୀ ଅଜୟ ଦାଶ ଧନ୍ୟବଦ ଦେଇଥିଲେ।

## ଗୋଟିଏ ଦିନ ପାଳନ ହେବ ସ୍ୱାୟତ୍ତ ଶାସନ ଦିବସ

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

ଆସନ୍ତା ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ। ଏନେଇ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ବିଏମ୍‌ସି ମୁଖ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସାଧାରଣତଃ ସ୍ୱାୟତ୍ତ ଶାସନ ଦିବସକୁ ୩/୪ଦିନ ଧରି ପାଳନ କରାଯାଉଥିବାବେଳେ ଚଳିତବର୍ଷ ଏହାକୁ ଦିନିକିଆ ଭାବେ ପାଳନ କରାଯିବ। ସକାଳ ୮ଟାରେ ବିଏମ୍‌ସି ମୁଖ୍ୟାଳୟରେ ପତାକା ଉତ୍ତୋଳନ କରାଯିବ। ସମସ୍ତ ୱାର୍ଡ ବଦଳରେ ୩ଟି ଜୋନ୍‌ରେ ୨/୩ଟି ଲେଖାଏ ବଡ଼ବଡ଼ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ତଥା ଉଦ୍‌ଘାଟନ କରାଯିବ। ସିଟି ଇଞ୍ଜିନିୟର ଏନେଇ ତଦାରଖ କରି ପ୍ରକଳ୍ପ ସ୍ଥିର କରିବେ। ବିଏମ୍‌ସି ଡାକ୍ତରଖାନାଗୁଡିକରେ ରୋଗୀଙ୍କୁ ଫଳ ବଣ୍ଟନ ଏବଂ ବୃଦ୍ଧାଶ୍ରମ ଓ ଅନାଥାଶ୍ରମଗୁଡିକରେ ଖାଦ୍ୟ ସହିତ ବସ୍ତ୍ର/କମଳ ବଣ୍ଟନ ହେବ। ଭୁବନେଶ୍ୱରର ବରିଷ୍ଠ ନାଗରିକ, ମାଟ୍ରିକ ଓ ଯୁକ୍ତ୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରିବେଶ, ସ୍ୱଚ୍ଛତା ଆଦି ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ଖେଳକୁଦ, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବିଏମ୍‌ସିର ମୁଖପତ୍ର 'ଆହ୍ୱାନ' ଉନ୍ମୋଚିତ ହେବ। ବିଏମ୍‌ସି କର୍ମଚାରୀ ରିକ୍ରିଏଶନ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକଙ୍କ ସମେତ ବିଏମ୍‌ସିର ସମସ୍ତ ଉପବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ବଡଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଆୟୋଜିତ ବିଜ୍ଞାନମେଳାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

## ୭ ଦଫା ଦାବି ନେଇ ରାଜଭବନ ସମ୍ମୁଖରେ ବିଦ୍ୟୁତ୍ ସତ୍ୟାଗ୍ରହ





ଭୁବନେଶ୍ୱର,୫।୮(ଅଭିଜିତ ଦାସ)

ଟାଟା ପାୱାରର ମନଇଚ୍ଛା ବିଦ୍ୟୁତ୍ ବିଲ୍ ଆଦାୟ ଓ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ରାଜ୍ୟରେ ୯୯ ଲକ୍ଷ ୧୮ ହଜାର ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିବାଦ ସହ ୭ ଦଫା ଦାବି ନେଇ ଶନିବାର ମିଶନ ଓଡ଼ିଆ ୨୦୩୬ ମହାସଂଘ ପକ୍ଷରୁ ରାଜଭବନ ସମ୍ମୁଖରେ ବିଦ୍ୟୁତ୍ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳ, ବିଦ୍ୟୁତ୍ ଉପଭୋକ୍ତା ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ସଂଘର ଆବାହକ ବାସୁଦେବ ଭଟ୍ଟ କହିଛନ୍ତି, ରାଜ୍ୟରେ ଟାଟା ପାୱାର ମନଇଚ୍ଛା ବିଦ୍ୟୁତ୍ ବିଲ ନେଉଥିବାବେଳେ ଅଘୋଷିତ ବିଦ୍ୟୁତ କାଟ କରି ଓଡ଼ିଶାବାସୀଙ୍କୁ ଦହଗଞ୍ଜ କରୁଛି। ଅଧିକାଂଶ ସ୍ଥାନରେ ପୁରୁଣା ଟ୍ରାନ୍ସଫର୍ମର, ବିଦ୍ୟୁତ ଖୁଣ୍ଟ ଓ ତାର ପରିବର୍ତ୍ତନ କରାଯାଇନାହିଁ। ସେହିପରି ଗ୍ରାହକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇ ଦେବା ସହ ବିଦ୍ୟୁତ୍ ବିଲରେ ପରିବର୍ତ୍ତନ କରାଯାଉ ବୋଲି ସେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଘର ପକ୍ଷରୁ ଚେତାବନୀ ଦିଆଯାଇଛି।

## ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇବାରେ ରେଡିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

କମ୍ୟୁନିଟି ରେଡିଓ ଆସୋସିଏଶନ ଓଡ଼ିଶାର ଏକ ବୈଠକ ଶନିବାର ପିକକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଏସ୍. ଏ. ସଫିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ୨୨ଟି କମ୍ୟୁନିଟି ରେଡିଓ ଷ୍ଟେଶନର କର୍ମକର୍ତ୍ତା ଯୋଗଦେଇଥିଲେ। ଗ୍ରାମୀଣ ସ୍ତରରେ ଦକ୍ଷତା ବିକାଶ କ୍ଷେତ୍ରରେ ସମସ୍ତ ଗୋଷ୍ଠୀ ବେତାର କେନ୍ଦ୍ର କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରେଡ଼ିଓ ନମସ୍କାରର ମୁଖ୍ୟ ଏନ୍.ଏ. ଅନ୍‌ସାରୀ ଯୋଗଦେଇ, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ଲୋକଙ୍କୁ ତଥ୍ୟ ପ୍ରଦାନ ନିମନ୍ତେ ରେଡିଓ ଷ୍ଟେଶନଗୁଡିକର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ରେଡିଓ ଆଉଟ୍‌ରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତି ଯୋଗଦେଇ, ଜିଏସ୍‌ଟିଜନିତ ସମସ୍ୟା ପାଇଁ ରାଜ୍ୟ ସରକାର କମ୍ୟୁନିଟି ରେଡିଓ ଷ୍ଟେଶନଗୁଡିକୁ ବିଜ୍ଞାପନ ବନ୍ଦ କରି ଦେଇଥିବାରୁ ଏହି ଷ୍ଟେଶନଗୁଡିକ ଆର୍ଥିକ ଦୃଷ୍ଟିରୁ କ୍ଷତି ସହୁଥିବା କହିଥିଲେ। ସେହିପରି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ବେସରକାରୀ ଏଫ୍‌ଏମ୍ ଓ ଆକାଶବାଣୀର କର୍ମକର୍ତ୍ତାଙ୍କ ପାଇଁ ପଞ୍ଜୀକରଣ ସୁବିଧା ଥିବାବେଳେ କମ୍ୟୁନିଟି ରେଡ଼ିଓର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏହି ସୁବିଧା ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସୁବ୍ରତଙ୍କୁ ସଂଘର କାର୍ଯ୍ୟକାରୀ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ର ରେଡ଼ିଓ ଗୁଞ୍ଜନ, ଭଦ୍ରକର ରେଡ଼ିଓ ବୁଲ୍‌ବୁଲ, ଯାଜପୁରର ରେଡିଓ ସ୍ୱରାଜ, ବାଲିକୁଦାର ରେଡ଼ିଓ ଜୀବନ, ବାଲିଗୁଡାର ରେଡିଓ ମହକର କର୍ମଚାରୀମାନେ ଯୋଗଦେଇଥିଲେ। ରେଡିଓ ସ୍ୱୟଂଶକ୍ତିର ମୁଖ୍ୟ ବିଶ୍ୱଜିତ୍ ପାଢୀ ସ୍ୱାଗତ ଭାଷଣ ଦେଇଥିବାବେଳେ ରେଡିଓ ସମ୍ପର୍କର ମୁଖ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।





ବୈଠକରେ କମ୍ୟୁନିଟି ରେଡିଓ ଆସୋସିଏଶନ ଓଡ଼ିଶାର କର୍ମକର୍ତ୍ତା ଓ ଅନ୍ୟମାନେ।

# ହିରିମୂଳ ବିଚ୍ଛିନ୍ନ, ୪ ଗାଁ ଜଳବନ୍ଦୀ


ଏକ ଗ୍ରାମରେ ପଶିଥିବା ବନ୍ୟାଜଳ।


ଡଙ୍ଗାରେ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ ଯାତାୟାତ କରୁଛନ୍ତି।

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ନିରାକରପୁର, ୫।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

- ଶତାଧିକ ଏକର ଚାଷଜମି ଜଳମଗ୍ନ
- ଚୁଲିରେ ପାଣି, ଶୁଖିଲା ଖାଦ୍ୟ ଭରସା

ରାଜ୍ୟରେ ଲଗାଣ ବର୍ଷା ଓ ହୀରାକୁଦର ଗେଟ୍ ଖୋଲାଯିବା ପରେ ମହାନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଏହାର ଶାଖା ନଦୀ ରାଜୁଆ, ମଲାଗୁଣୀ ଓ ଦୟାରେ ଜଳସ୍ତର ମଧ୍ୟ ବଢୁଛି। ଫଳରେ ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ୫ଟି ଗ୍ରାମ ଜଳମଗ୍ନ ହୋଇଛି। ହିରିମୂଳ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ଶୁକ୍ରବାର ରାତିରେ ଡିହଖଳା, ଦୁର୍ଗାପୁର, ମାନପୁର ଓ ଧବଳପୁର ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି। ଡିହଖଳାରେ ୫ଫୁଟ ଉଚ୍ଚରେ ପାଣି ଚାଲିଛି। ଏକର ଏକର ଚାଷଜମି ବୁଡ଼ି ରହିଛି। ଆଗକୁ ଜଳସ୍ତର ବଢ଼ିବା ସମ୍ଭବନା ରହିଛି। ରାତି ହେଲେ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢୁଛି। ଅନ୍ୟପଟେ ସରୀସୃପ ଭୟ ଘାରିଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ଯୋଗାଇଦିଆଯାଇଥିବା ଡଙ୍ଗାରେ ଲୋକେ ଯାତାୟାତ କରୁଛନ୍ତି। ଚୂଲିରେ ପାଣି ପଶିଯିବାରୁ ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରନ୍ଧା ଓ ଶୁଖିଲା ଖାଦ୍ୟ ଖାଇ ଗ୍ରାମବାସୀ ରହିଛନ୍ତି।

ହିରିମୂଳର ଅରବିନ୍ଦ ମଙ୍ଗରାଜ କୁହନ୍ତି, ରାଜୁଆରେ ଘେରିବନ୍ଧ ନିର୍ମାଣ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ପ୍ରତିବର୍ଷ ଏଭଳି ସମସ୍ୟା ରହୁଛି। ଚାଷକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବନ୍ୟାଜଳ ସବୁ ଉଜାଡି ଦେଲା। ଫଳରେ ପ୍ରତିବର୍ଷ ଚାଷୀ ଏଭଳି ସମସ୍ୟା ଭୋଗୁଛି। ଡିହଖଳାର ପ୍ରହଲାଦ ହରିଚନ୍ଦନ କୁହନ୍ତି, ରାତିରେ ଘରେ ଶୋଇଛୁ, ସକାଳୁ ଉଠିବା ବେଳେ ଘରେ ଭିତରେ ପାଣି ପସିଗଲାଣି। ରାଜୁଆ ନଦୀ ଆମ ପାଇଁ ଦୁଃଖ ପାଲଟିଛି। ଏଠାରେ ଘେରିବନ୍ଧ ନିର୍ମାଣ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଜିଲା ପ୍ରଶାସନର ଅବହେଳାରୁ ହିରିମୂଳ, ଡିହଖଳା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଡିହଖଳାର ଲଳିତ ବେହେରା କହିଛନ୍ତି, ଜଳସେଚନର କୌଣସି ସୁବିଧା ନାହିଁ। ଚୁଡା, ଚିନି, ଗୁଡ ରିଲିଫ ଦରକାର ନାହିଁ, ସ୍ଥାୟୀ ପ୍ରତିକାର ଦରକାର। ପ୍ରତିବର୍ଷ ଧାନ ଚାଷ କରୁଛି, ଠିକ୍ ସମୟରେ ରାଜୁଆ ନଦୀର ପାଣି ସବୁ ନଷ୍ଟ କରିଦେଉଛି। ପ୍ରତିବର୍ଷ କ୍ଷତି ସହିବାକୁ ପଡୁଛି। ଡିହଖଳାର ସର୍ବେଶ୍ୱର ମାର୍ଥା କହିଛନ୍ତି, ବନ୍ୟାଜଳ ମାଡି ହଜାର ହଜାର ଚାଷଜମି ଏବେ ଜଳମଗ୍ନ ହୋଇଛି। ଲକ୍ଷାଧିକ ଟଙ୍କା ଧାରକରଜ କରି ଧାନ ବୁଣିଥିଲୁ। ଚାଷଜମି ସବୁ ଉଜିଡିଗଲା। ସବୁ ବେଳେ ଏହି ସମସ୍ୟା ଲାଗି ରହୁଛି। ଏହାର ସ୍ଥାୟୀ ପ୍ରତିକାର ଜରୁରୀ। କୃଷକନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଗତବର୍ଷ ନିଅଣ୍ଟିଆ ବୃଷ୍ଟି, ଅନୁକୂଳ ପରିସ୍ଥିତି ସତ୍ତ୍ୱେ ଚାଷୀ ଧାରକରଜ କରି ଚାଷ କାର୍ଯ୍ୟ କରିଥିଲେ। ଶେଷ ପର୍ଯ୍ୟାୟରେ ବନ୍ୟାଜଳ ମାଡି ଏକର ଏକର ଚାଷ ଜମି ଜଳମଗ୍ନ ହୋଇଥିଲା। ଚାଷୀ ଲକ୍ଷାଧିକ ଟଙ୍କା କ୍ଷତି ସହିଥିଲେ। ଚଳିତ ବର୍ଷ ମଧ୍ୟ ସେହି ସମସ୍ୟା। ଏହାର ପ୍ରତିକାର ପାଇଁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଚାଷୀମାନେ ପ୍ରତିବର୍ଷ କ୍ଷତି ସହୁଛନ୍ତି।

## ଏମାନେ ଯାହା କୁହନ୍ତି...

"ହିରିମୂଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ଡିହଖଳାରେ ପାଣି ପଶିଛି। ଏହି ଦୁଇ ଗାଁ ଜଳମଗ୍ନ ହୋଇଛି। ଯାତାୟାତ ଲାଗି ଦୁଇଟି ଡଙ୍ଗା ବ୍ୟବସ୍ଥା କରାଯାଇଛି। ବନ୍ୟାଜଳ ବଢିଲେ, ଗ୍ରାମବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ସ୍ଥାନୀୟ ସରପଞ୍ଚ, ଜନପ୍ରତିନିଧି ଘଟଣାସ୍ଥଳରେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ। ହିରିମୂଳରେ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି।

-କ୍ଷୀରାବ୍ଧି ତନୟା ସାହୁ, ବିଡିଓ

"୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଏକ ଟିମ୍ ଏଠାରେ ରହିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଛି। ବନ୍ୟାଜଳରେ ଲୋକଙ୍କ ଚର୍ମରୋଗ ଆଶଙ୍କା ରହିଛି। ଏଥିପ୍ରତି ମଧ ଦୃଷ୍ଟି ଦିଆଯାଇଛି। ହିରିମୂଳ ଗ୍ରାମରେ ଦିନକୁ ଦୁଇଥର ଟିମ୍ ଅନୁଧାନ କରୁଛି। ଆଗକୁ ବନ୍ୟାଜଳ ବଢିଲେ, ଅସ୍ଥାୟୀ କ୍ୟାମ୍ପ କରାଯିବ।

ଡା. ପରେଶ ଆଚାର୍ଯ୍ୟ, ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ

"ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ଗୋରୁଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ଏକ ଟିମ୍ ହିରିମୂଳ, ଡିହଖଳାରେ ଗୋରୁଙ୍କ ଚିକିତ୍ସା କରୁଛନ୍ତି। ଆଗକୁ ଏସ୍ଆରସିଙ୍କ ଗାଇଡ୍‌ଲାଇନ ଅନୁସାରେ ଗୋଖାଦ୍ୟ ବ୍ୟବସ୍ଥା କରାଯିବ। ବନ୍ୟା ଆଶଙ୍କାରେ ଗୋରୁଙ୍କୁ ଆଗୁଆ ଭେକ୍ସିନେସନ କରାଯାଇଥିଲା।

- ଡା. ପ୍ରଜ୍ଞାପାରମିତା ଶ୍ରୀଚନ୍ଦନ, ପ୍ରାଣୀଧନ ଚିକିତ୍ସକ

## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ୨ ଗାଡ଼ି ଜବତ: ଚାଳକ ଗିରଫ

ବେଗୁନିଆ,୫।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ଦୁଇଟି ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ କରିବା ସହ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବରପଦା ଗ୍ରାମର ଚାଳକ ପ୍ରକାଶ ଜେନା ଏବଂ କୋଟିଆଖାଲ ଗ୍ରାମର ଚାଳକ ଅଶୋକ ପାଲଟାସିଂହ। ସୂଚନା ମୁତାବକ, ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶରେ ୫ଜଣିଆ ଟିମ୍ ପାଟ୍ରୋଲିଂ କରୁଥିଲା। ବେଆଇନଭାବେ ମାଙ୍କଡା ପଥର ବୋଝେଇ କରି ଯାଉଥିବା ଏକ ମିନିଟ୍ରକକୁ ଚୋଡିପାଲଙ୍ଗ ଗ୍ରାମ ନିକଟରେ ଜବତ କରିଥିଲେ। ଏହାର ଚାଳକ ପ୍ରକାଶଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୬୨/୨୩) ରୁଜୁ ହୋଇଛି। ସେହିପରି ଦେଉଳି ଗ୍ରାମ ନିକଟରୁ ପୋଲିସ ଏକ ମାଙ୍କଡା ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଏହାର ଚାଳକ ଅଶୋକଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୬୪/୨୩) ରୁଜୁ ହୋଇଛି।

### ପାଞ୍ଚଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ

ଜଟଣୀ,୫।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରା ରୋପଣ ଏବଂ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇଟେକ୍ ଛକସ୍ଥିତ ସାଇସେବା ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜାମୁକୋଳି ସରପଞ୍ଚ ଗୀତାଞ୍ଜଳି ରାଉଳ ଯୋଗଦେଇଥିଲେ। ବନ ମହୋତ୍ସବ ପାଳନର ପ୍ରକୃତ ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବାକୁ ହେଲେ ଛାତ୍ରୀଛାତ୍ରମାନେ ଗୋଟିଏ ଲେଖାଏ ଗଛ ଲଗାଇ ତା'ର ଯତ୍ନ ନେବା ଆବଶ୍ୟକ ବୋଲି ରାଉଳ କହିଥିଲେ। ସୁସ୍ଥ ଜୀବନଯାପନ ପାଇଁ ବୃକ୍ଷ ଲଗାଇବା ସହିତ ଜଙ୍ଗଲ ସୃଷ୍ଟି ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟକରି ଜନ ସଚେତନତା ସୃଷ୍ଟି କରିପାରିଲେ ଆଗାମୀ ପିଢ଼ି ସୁରକ୍ଷିତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମୋ ସ୍କୁଲ ସଭାପତି ଅକ୍ଷୟ ସାମନ୍ତରାୟ, ଚିନ୍ମୟ ପାତ୍ର, ବରିଷ୍ଠ ଶିକ୍ଷକ ଅକ୍ଷୟ ନାଥ, ସୁଶାନ୍ତ ଭୋଳ, ଶ୍ରୀଧର ସେଠୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବେଗୁନିଆ,୫।୮ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ କୁମାର ବାହିନୀପତି ଓ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ ହୋଇଥିଲା। ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରୋଗର ଲକ୍ଷଣ ଏବଂ ଉପଶମ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମସ୍ତ ଗୁରୁମା ଏବଂ ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନିରାକାରପୁର,୫।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ବାଲିପାଟପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଜ୍ଞେଶ୍ୱର କଳସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଶାସନ ସେଠୀ ସଭାପତିତ୍ୱ କରିଥିବା ବେଳେ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ସୁଦର୍ଶନ ବରାଳ, ପାଲା ଗାୟକ ରବୀନ୍ଦ୍ର ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କଳସ ଛାତ୍ରବତ୍ସଳ ଓ ସ୍ନେହୀ ମଣିଷଥିଲେ ବୋଲି ମତପ୍ରକାଶ ପାଇଥିଲା। ଗୋଲଖି ସୁନ୍ଦରା, ଗୋବିନ୍ଦ ଚନ୍ଦ୍ର ବେହେରା, ମେରୁଧର ମଲ୍ଲିକ, ପ୍ରଶାନ୍ତ ରାୟ, ଶିଶିର ଦତ୍ତ, ରଶ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ସୁଶାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଲୋକକଳା ମାଧ୍ୟମରେ ସଚେତନତା


ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଲୋକକଳା ମାଧ୍ୟମରେ ସଚେତନତା କରାଯାଉଛି।

ବେଗୁନିଆ,୫।୮ (ହର ପ୍ରସନ୍ନ ପଣ୍ଡା)

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଜନ ସଚେତନତା ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ଆଦିବାସୀ ସାହିରେ ଏହି ସପ୍ତାହ ପାଳନ କରାଯାଇଥିଲା। ଲୋକ କଳା ଦାସ କାଠିଆ ଗାୟକ ଚକ୍ରଧର ଦେବତା ଓ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ ବାର୍ତ୍ତା ଦର୍ଶକଙ୍କୁ ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ହୋମିଓପ୍ୟାଥିକ ଡାକ୍ତର ବସନ୍ତ କୁମାର ପଣ୍ଡା, ଆୟୁଷ ଡାକ୍ତର ମଧୁସ୍ମିତା ଆଚାର୍ଯ୍ୟ, ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଉପସ୍ଥିତ ଥିଲେ।

## ମଦ ଜବତ, ୨ ଗିରଫ

ବେଗୁନିଆ,୫।୮ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଅବକାରୀ ଥାନା ଏବଂ ପୋଲିସ ଥାନା କର୍ମଚାରୀଙ୍କ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୭୫ ଲିଟର ଦେଶୀ ମଦ, ୭ ଲିଟର ୫୦୦ମିଲି ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାସୋଳ ଗ୍ରାମର ଅଜୟ କୁମାର ସୁବୁଦ୍ଧି ଏବଂ ପୁରୁଷୋତ୍ତମ ବଳବନ୍ତରାୟ। ସୂଚନା ମୁତାବକ, ରାସୋଳ ଗ୍ରାମର ଅଜୟ ସେଲୁନରେ ବିଦେଶୀ ମଦ ବିକ୍ରି କରୁଥିବା ପୋଲିସକୁ ସୂଚନା ମିଳିଥିଲା। ଶନିବାର ଭୋରୁ ପୋଲିସ ଚଢ଼ାଉ କରି ତାଙ୍କୁ ଧରିବା ସହିତ ୭ ଲିଟର ୫୦୦ ମିଲି ବିଦେଶୀ ମଦ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୬୩/୨୩)ରୁଜୁ ହୋଇଛି। ସେହିପରି ବେଗୁନିଆ ଅବକାରୀ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ଖେସ୍ ଏବଂ ତାଙ୍କ ଟିମ୍ ଗଡ଼ମାଣତୀର ଗ୍ରାମ ନିକଟରେ ଚଢ଼ାଉ କରି ପୁରୁଷୋତ୍ତମଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ୧୭୫ ଲିଟର ଦେଶୀ ମଦ ଜବତ ହୋଇଛି। ଏ ନେଇ ବେଗୁନିଆ ଅବକାରୀ ଥାନାରେ ଏକ ମାମଲା (ନଂ.୭୭/୨୩ ରୁଜୁ ହୋଇଛି।

## ପଞ୍ଚାୟତସ୍ତରୀୟ ଫସଲ ବୀମା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ଼,୫।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଧୀନ ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କର୍ମଶାଳା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ସହକାରୀ କୃଷି ଅଧିକାରୀ ତିରୁପତି ସିନିପିନି, ମୁଖ୍ୟ ବକ୍ତା ଗ୍ରାମ୍ୟ କୃଷି ସେବକ ଏସ୍.କେ ଆଜାରୁଦ୍ଦିନ, ସମ୍ମାନିତ ଅତିଥି ପୂର୍ବତନ ସରପଞ୍ଚ ବ୍ରଜରାଜ ରାଉତ, ସମବାୟ ସମିତି ସଭାପତି ବିଜୟ କୁମାର ନାୟକ, କୃଷ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ସଭ୍ୟ ଗୋଦାବରୀଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସଭାପତି ପ୍ରଦୀପ ବାରିକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଚଳିତବର୍ଷ ରାଜ୍ୟ ସରକାର ଚାଷୀମାନଙ୍କର ଫସଲବୀମା ପ୍ରିମିୟମ ଚାଷୀ ପିଛା ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ବୀମା ଟଙ୍କା ବହନ କରିବେ ବୋଲି ମୁଖ୍ୟ ଅତିଥି ତିରୁପତି ସିନିପିନି କହିଥିଲେ। ନାରୀନେତ୍ରୀ ଗୀତାଞ୍ଜଳି ମହାନ୍ତି, ଗ୍ରାମ୍ୟ ରୋଜଗାର ସେବକ କାହ୍ନୁ ଚରଣ ପାଢ଼ୀ, ସୌଦାମିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାପତି ତଥା ସରପଞ୍ଚ ପ୍ରଦୀପ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ବହୁ ଚାଷୀ, କୃଷିମିତ୍ର ଓ ପ୍ରାଣୀମିତ୍ର ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସମ୍ପର୍କରେ ତର୍କ ପ୍ରତିଯୋଗିତା

ବେଗୁନିଆ,୫।୮ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ଭୁଆସୁଣିପାଟଣା ଗ୍ରାମସ୍ଥିତ ଭୁଆସୁଣୀ ୫-ଟି ଉଚ୍ଚ ବିଦ୍ୟାପୀଠ ପରିସରରେ ଶନିବାର ଏକ ନୈତିକ ମୂଲ୍ୟଯୁକ୍ତ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ରାଜକିଶୋର ଗଡ଼ବାଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ଜେନା, ରମେଶ ଚନ୍ଦ୍ର ସାହୁ, ଗୁରେଇ ସାହୁ, ଅଚ୍ୟୁତାନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପର୍ବପର୍ବାଣି ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ନିୟମାବଳୀ ଉପରେ ତର୍କ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ପଣ୍ଡିତ ଆଦିତ୍ୟ ପ୍ରସାଦ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍ୱାଧୀନୋତ୍ତର ଓଡ଼ିଆ ନାଟକ ଶୀର୍ଷକ ଆଲୋଚନାଚକ୍ର

ଗମ୍ଭାରୀମୁଣ୍ଡା,୫।୮ (ଦିଲୀପ ସ୍ୱାଇଁ)

ନାରୁଣୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ ବିଭାଗ ଆନୁକୂଲ୍ୟରେ ସ୍ୱାଧୀନୋତ୍ତର ଓଡ଼ିଆ ନାଟକ ଶୀର୍ଷକ ଏକ ବୌଦ୍ଧିକ ଆଲୋଚନାଚକ୍ର ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ବଳିୟାରସିଂହ, ପରିଚାଳନା ପରିଷଦ ସଭାପତି ଅରୁଣ କୁମାର ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରାଜକିଶୋର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଓଡ଼ିଆ ନାଟକର ଧାରା ଓ ଉଭଟ ନାଟକ ଉପରେ ମନୋରଞ୍ଜନ ଦାସଙ୍କ ଆଗାମୀ ନାଟକ ହିଁ ପ୍ରଥମ ପରୀକ୍ଷା ମୂଳକ ନାଟକ ବୋଲି ଅଭିହିତ କରିଥିଲେ। ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ଓଡ଼ିଆ ନାଟକର ପ୍ରବହମାନ ଧାରା ଉପରେ ଆଲୋକପାତ କରିଥିଲେ। ମନସ୍ତତ୍ତ୍ୱ ବିଭାଗ ଅଧାପକ ସଂଗ୍ରାମ କେଶରୀ ହରିଚନ୍ଦନ, ଇଂଲିଶ ବିଭାଗ ଅଧ୍ୟାପିକା ସଂଘମିତ୍ରା ପଟ୍ଟନାୟକ, ସମାଜ ବିଜ୍ଞାନ ବିଭାଗର ଅଧ୍ୟାପିକା ଲୀଳା ନନ୍ଦିଜା, ଅଧ୍ୟାପକ ଚନ୍ଦନ ପ୍ରସାଦ ଜେନା, ଅଧ୍ୟାପକ ଲିକୁ ବେହେରା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ୩ ଛାତ୍ରୀ ସୁଜାତା ସେଣ, ଜ୍ୟୋତିରାଣୀ ପ୍ରଧାନ ଓ ଲୀଳା ବେହେରା ପରୀକ୍ଷାମୂଳକ ଓଡ଼ିଆ ନାଟକ ଉପରେ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ପିଙ୍କି ଜେନା ଧନ୍ୟବାଦ ଦେଇଥିଲେ।

## ୩ଦଫା ଦାବିରେ ପ୍ରାଥମିକ ଶିକ୍ଷକ ସଂଘର ଶୋଭାଯାତ୍ରା

### ୧୬ରୁ ସମୂହ ଛୁଟିରେ ଯିବାକୁ ଚେତାବନୀ

ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ବୋଲଗଡ଼ (ଦେବବ୍ରତ ହୋତା)/ ଟାଙ୍ଗୀ (ରଘୁନାଥ ସାହୁ)/ବେଗୁନିଆ,(ହର ପ୍ରସନ୍ନ ପଣ୍ଡା)/ ଯାଁଳା (ବୁଲା ବାରିକ)/ଗମ୍ଭାରୀମୁଣ୍ଡା, ୫।୮ (ଦିଲୀପ ସ୍ୱାଇଁ)



ବୋଲଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ରାଜ୍ୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ନିର୍ଦ୍ଦେଶକ୍ରମେ ଶନିବାର ଖୋର୍ଦ୍ଧା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଶୋଭାଯାତ୍ରା, ବିକ୍ଷୋଭ କରାଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁ ଓ ପିଷ୍ଟାର ଜିଲା ସଭାପତି ଅଗାଧୁ ସେଠୀଙ୍କ ନେତୃତ୍ୱରେ ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ସ୍ଥାନୀୟ ଗୀତା ଭବନଠାରୁ ଶୋଭାଯାତ୍ରାରେ ବାହାରି ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱର୍ଣ୍ଣଲତା ସାମନ୍ତରାୟ ଦାବିପତ୍ର ଗ୍ରହଣ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ, ଏକ୍ସକ୍ୟାଡର ଶିକ୍ଷକ, କଳା ଓ କ୍ରୀଡ଼ା ଶିକ୍ଷକମାନଙ୍କୁ ନିୟମିତ, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ଏବଂ ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ପୁନଃ ପ୍ରଚଳନ ଦାବି ରହିଛି। ଆସନ୍ତା ୧୧ ତାରିଖରେ ଜିଲାରେ ଶୋଭାଯାତ୍ରା, ଧାରଣା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦାବି ପୂରଣ ନ ହେଲେ ୧୬ ତାରିଖ ସମଗ୍ର ଓଡ଼ିଶାର ପ୍ରାଥମିକ ଶିକ୍ଷକମାନେ ସମୂହ ଛୁଟିରେ ରହି ଆନ୍ଦୋଳନରେ ସାମିଲ ହେବେ। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଅମୀୟ ପରିଡ଼ା, ପିଷ୍ଟାର ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ଏକ୍ସ-କ୍ୟାଡର ସଂଘର ସଭାପତି ପ୍ରସନ୍ନ ମହାପାତ୍ର, ପ୍ରକାଶ ଚନ୍ଦ୍ର ମୁଦୁଲି, ସତ୍ୟବ୍ରତ ଚମ୍ପତିରାୟ, ଦିବ୍ୟସିଂହ ସୁବୁଦ୍ଧି, ରଶ୍ମି ଦାସ, ଜ୍ୟୋତିର୍ମୟୀ ନାୟକ, ମାନସ ପଣ୍ଡା, ବିପିନ ବିହାରୀ ବେହେରା, ବାମଦେବ ପାଇରକାୟ, ଅଭିରାମ ବେହେରା, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ପ୍ରାଥମିକ ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକମାନେ ୩ ଦଫା ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ସ୍ଥାନୀୟ ରଜଯାତ୍ରା ପଡିଆରୁ ୪ଶହ ଶିକ୍ଷୟିତ୍ରୀ ଶିକ୍ଷକ ପଦଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ୩ ଦଫା ସମ୍ବଳିତ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶନାଥ ସ୍ୱାଇଁ ଓ ଅମିତା ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଶୈଳେନ ପଟ୍ଟନାୟକ, ପ୍ରଫୁଲ୍ଲ ସିଂ, ଦ୍ୱିତୀକୃଷ୍ଣ ସାହୁ, ଜନ୍ମେଜୟ ମାଝି ଉପସ୍ଥିତ ଥିଲେ।

ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟମାନେ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁଙ୍କୁ ପ୍ରଦାନ କରିଛନ୍ତି। ସ୍ଥାନୀୟ ବଳରାମ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବ୍ଲକ ଶିକ୍ଷକ ସଂଘର ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରା, ଜିଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ସମରେଶ ବେହେରା, ଗୋପାଳ ସେଣ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଓ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ପଦଯାତ୍ରା ବାହାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲା। ପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଗୁନିଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ନାୟକ, ଦାଶରଥି ପ୍ରଧାନ ଓ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀ ଦେଇଙ୍କୁ ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ଦାବିପତ୍ର ପ୍ରଦାନ କରିଥିଲେ। ଉପଦେଷ୍ଟା ବସନ୍ତ ପ୍ରହରାଜ, ସଭାପତି ରାମଚନ୍ଦ୍ର ଷଣ୍ଢ, ସମ୍ପାଦକ ବସନ୍ତ ଜୟସିଂହ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ କାର୍ଯ୍ୟକାରୀ ସମ୍ପାଦକ ମାନସ ପରିଡା, ବ୍ଲକ ସଭାପତି ଅଶୋକ ସାମନ୍ତରାୟ, ଉପସଭାପତି ମାନସ ବେହେରା, ବ୍ଲକ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ନାରାୟଣ ମାନସିଂହ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ମହାପାତ୍ର, ସମ୍ପାଦକ ଦାଶରଥି ବେହେରା, ଗଣ ଶିକ୍ଷକ ସଭାପତି ଉମାକାନ୍ତ ନାୟକ,ଶିକ୍ଷକ ସରୋଜ ବେହେରା, ଅଖିଳେଶ ମହାପାତ୍ର, ନିରଞ୍ଜନ ମାଟି, ତ୍ରିନାଥ ପରିଡା ,ସୁରେଶ ଚନ୍ଦ୍ର ସେଠୀ,ସୁଧାକର ସେଠୀ, ବଟକୃଷ୍ଣ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଅକ୍ଷୟ ମଲ୍ଲିକ, ତ୍ରିନାଥ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ଜଟଣୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷା ଫେଡେରେସନ ଜଟଣୀ (ଏୟୁପିଟିଏଫ) ସଭାପତି ଜିତ୍ ରଞ୍ଜନ ମହାପାତ୍ର, ସମ୍ପାଦକ ଆକାଶ କୁମାର ମହାନ୍ତି, ଏଲିମେଣ୍ଟାରି ଶିକ୍ଷକ ସଂଘ (ପିଏସଟିଏ) ଜଟଣୀ ବ୍ଲକ ସଭାପତି ଅକ୍ଷୟ କୁମାର ପାଲଟାସିଂଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

ବାଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବି ପୂରଣ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୬ ଅଗଷ୍ଟ, ୨୦୨୩



**ବିଜ୍ଞାନମେଳା ଦ୍ୱାରା ପିଲାଙ୍କର ଅନ୍ତର୍ନିହିତ ଗୁଣ ବିକଶିତ ହୁଏ**

ସାକ୍ଷୀଗୋପାଳ,(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର )-ସାକ୍ଷୀଗୋପାଳର ବସୁକେରାସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ୨୪ତମ ବିଜ୍ଞାନମେଳା ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପ୍ରାଣିଚିକିତ୍ସା କେନ୍ଦ୍ରର ଡା.ମୌସୁମୀ ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ ବିଦ୍ୟାଳୟରେ ଆୟୋଜିତ ବିଜ୍ଞାନମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ବିକଶିତ ହୋଇଥାଏ। ତେଣୁ ବିଦ୍ୟାଳୟ ସ୍ତରରେ ଅଧିକ ଭାଗ ନେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନବିନ ସେନାପତି ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ସମିତି ସଭାପତି ଜୟନ୍ତ ତ୍ରିପାଠୀ, ଉପସଭାପତି ଶରତ ଚନ୍ଦ୍ର ନନ୍ଦ, ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା, ସହସମ୍ପାଦିକା ନମିତା ଦାଶ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ବାଉରୀବନ୍ଧୁ ସ୍ୱାଇଁ, ସୁଜାତା ବେହେରା ଉପସ୍ଥିତ ଥିଲେ। ୨୫୫ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ସଂକ୍ଷେପରେ

### ଜୀବନ ସୁରକ୍ଷା ସମସ୍ତ ନାଗରିକଙ୍କ ଗୁରୁଦାୟିତ୍ୱ

**ଅସ୍ତରଙ୍ଗ,୫।୮ (ମମତା ଜେନା)**

ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏନ୍‌ସିସି କ୍ୟାଡେଟଙ୍କ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଏନ୍‌ସିସି ଅଫିସର ତଥା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିସରରୁ ଏକ ସାଇକେଲ ରାଲି ବାହାରି ଅସ୍ତରଙ୍ଗ ମୁଖ୍ୟ ବଜାର ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା ବାର୍ତ୍ତା ଜନସାଧାରଣଙ୍କୁ ଅବଗତ କରାଇବା ସହ ସଚେତନ କରାଇଥିଲେ। ମୁଖ୍ୟତଃ ବାଇକ ଚାଳନା ସମୟରେ ହେଲେମେଟ ବ୍ୟବହାର କରିବା, ମଦ୍ୟପାନ ନ କରିବା, ରାସ୍ତାର ସମସ୍ତ ନିୟମ ମାନି ବାଇକ ଚଳାଇବା ବୋଲି ଛାତ୍ରୀଛାତ୍ରମାନେ ଅବଗତ କରାଇଥିଲେ। ଜୀବନ ସୁରକ୍ଷା ହେଉଛି ସମସ୍ତ ନାଗରିକଙ୍କ ଗୁରୁ ଦାୟିତ୍ୱ। ଟିକେ ଅବହେଳା ପାଇଁ ଜୀବନ ମୃତ୍ୟୁମୁଖରେ ପଡୁଛି। ଦୁର୍ଘଟଣାରେ ପଡ଼ିଥିବା ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନେବା ହେଉଛି ପ୍ରଥମ କର୍ତ୍ତବ୍ୟ। ଏହି ସଚେତନତା ଅଭିଯାନ ପାଇଁ ଛାତ୍ରୀଛାତ୍ରଙ୍କୁ ଜନସାଧାରଣମାନେ ସାଧୁବାଦ ଜଣାଇଥିଲେ। ଅର୍ଚ୍ଚନା ଶତପଥୀ, ଝରଣା ସେଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅର୍ପିତା ସ୍ୱାଇଁ, ପ୍ରତିମା ସେଠୀ, କବିତା ସାହୁ, ଚିନ୍ମୟ ପ୍ରଧାନ, ବିପ୍ଳବ ନାହାକ ପ୍ରମୁଖ ସହଯୋଗ କରିଥିଲେ।

### ବିଶ୍ୱବିଦ୍ୟାଳୟସ୍ତରୀୟ ସ୍ୱେଚ୍ଛାସେବୀ ପୁରସ୍କାର ପାଇଲେ ଏସ୍‌ସିଏସ୍ କଲେଜର ସ୍ୱେଚ୍ଛାସେବୀ

**ପୁରୀ,୫।୮ (ଅଜିତ ମହାନ୍ତି)**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ସାହୁ, ଓମ୍ ପ୍ରସାଦ ମହାନ୍ତି ଓ ସତ୍ୟନାରାୟଣ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟସ୍ତରୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଅନେକ ଶୁଭେଚ୍ଛା ଓ ଶୁଭକାମନା ସ୍ୱେଚ୍ଛାସେବୀଙ୍କୁ ଜଣାଯାଇଛି। ସ୍ୱେଚ୍ଛାସେବୀମାନେ ନିଜର ସ୍ନାତକ ଶିକ୍ଷା ବର୍ଷ ମଧ୍ୟରେ ସମାଜ ସେବାକୁ ବ୍ରତୀକରି ସମାଜର ବିଭିନ୍ନ ବିଭାଗରେ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ସମ୍ମାନ ସ୍ୱେଚ୍ଛାସେବୀମାନଙ୍କୁ ବୃକ୍ଷ ରୋପଣ, ଅଙ୍ଗ ଦାନ, ନିଶା ନିବାରଣ ଓ ରକ୍ତଦାନ ଭଳି ବିଭିନ୍ନ କାର୍ଯ୍ୟ ନିମନ୍ତେ ପ୍ରାପ୍ତ ହୋଇଛି। ସ୍ୱେଚ୍ଛାସେବୀମାନେ ସମାଜ ସେବାକୁ ବ୍ରତୀ କରି ଭବିଷ୍ୟତରେ ସମାଜ ପାଇଁ ନିଜର ଅବସର ସମୟକୁ ଉତ୍ସର୍ଗ କରିବେ ବୋଲି କହିଛନ୍ତି।

### ପ୍ରାଥମିକ ଶିକ୍ଷକଙ୍କ ଦାବିପତ୍ର ପ୍ରଦାନ

**କଣାସ,୫।୮ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ପ୍ରାଥମିକ ଶିକ୍ଷକ ଭବନରେ ଶନିବାର କଣାସ ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରତାପ କେଶରୀ ଛୋଟରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ଯଥା ୬ ବର୍ଷର ଠିକା ନିଯୁକ୍ତିକୁ ମୂଳ ଚାକିରି ସହ ଗଣନା, ଠିକା ନିଯୁକ୍ତିକୁ ବାତିଲ କରିବା ଓ ନୂତନ ପେନ୍‌ସନ୍ ପରିବର୍ତ୍ତେ ପୁରାତନ ପେନ୍‌ସନ୍ ପ୍ରଦାନ ଇତ୍ୟାଦି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ବ୍ଲକ ଶିକ୍ଷାଧିକାରୀ କଣାସଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଏକ ଦାବିପତ୍ର ପ୍ରେରଣ କରାଯାଇଥିଲା। ଶିକ୍ଷାଧିକାରୀ ଅନୁପସ୍ଥିତ ଥିବାରୁ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଏହି ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ନେତା ପ୍ରହ୍ଲାଦ ମାନସିଂ, ସୁଶାନ୍ତ ନରେନ୍ଦ୍ର, ବ୍ରହ୍ମାନନ୍ଦ ମହାରଣା, ଜନାର୍ଦ୍ଦନ ବେହେରା, ଗୋବର୍ଦ୍ଧନ ବେହେରା, କାହ୍ନୁଚରଣ ପାଇକରାୟ, ଭାଗୀରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତଦାନ କରିଥିଲେ। ଯଦି ସରକାର ଶିକ୍ଷକଙ୍କ ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ଚଳିତ ମାସ ୧୬ରେ ସମସ୍ତ ଶିକ୍ଷକ ଛୁଟିନେବା ସହିତ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।


ପିପିଲି ବ୍ଲକର ପାଚଲପୁର ଗାଁରେ ବନ୍ୟାଜଳ ପଶିଛି ।


ଜଳବନ୍ଦୀ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଉଛି ।

# ଜଳବନ୍ଦୀରେ ୩୨ ପରିବାର

**ପିପିଲି,୫।୮ (ଦୁର୍ଗାମାଧବ ମିଶ୍ର)**

ବନ୍ୟାଜଳ ଆସିବା ପରେ ପିପିଲି ବ୍ଲକ ପୋପରଙ୍ଗା ପଞ୍ଚାୟତର ପାଚଲପୁର ଗାଁର ୩୦ ପରିବାର ଜଳବନ୍ଦୀରେ ଅଛନ୍ତି। ଗଙ୍ଗୁଆ ନାଳପାଣି ଗାଁରେ ଜଳବନ୍ଦୀ ଅବସ୍ଥା ସୃଷ୍ଟି କରିଥିବା ବେଳେ ଏକର ଏକର ଚାଷ ଜମି ସମ୍ପୂର୍ଣ୍ଣ ଜଳମଗ୍ନ କରିଛି। ଗତବର୍ଷ ବନ୍ୟା ଯୋଗୁ ଗଙ୍ଗୁଆ ନାଳରେ ସୃଷ୍ଟି ହୋଇଥିବା ଘାଇ ମରାମତି ନ ହେବା ଜଳବନ୍ଦୀର ମୁଖ୍ୟ କାରଣ ବୋଲି ବନ୍ୟା ବିପନ୍ନ ଅଭିଯୋଗ କରିଛନ୍ତି । ଗଙ୍ଗୁଆରେ ପ୍ରବାହିତ ବର୍ଷାଜଳ ପାଚଲପୁର ଗାଁରେ ତାଣ୍ଡବ ରଚାଇଛି। ଗାଁ ଜଳବନ୍ଦୀ ଅବସ୍ଥାରେ ଥିବାବେଳେ ଉଜୁଡ଼ି ଯାଇଛି ପନି ପରିବା ଓ ଧାନ ଫସଲ। ଗତ ବର୍ଷକ ତଳେ ଗଙ୍ଗୁଆରେ ସୃଷ୍ଟି ହୋଇଥିବା ଘାଇ କାରଣରୁ ୨୫ଦିନ ଧରି ଯନ୍ତ୍ରଣା ଭୋଗିଥିଲେ ଏହି ଗ୍ରାମବାସୀ। ମାତ୍ର ବର୍ଷକ ପରେ ମଧ୍ୟ ସମଦଶା ଭୋଗୁଛନ୍ତି ଏହି ପାଚଲପୁର ଗ୍ରାମବାସୀ। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଘାଇ ମରାମତି କରୁନାହାନ୍ତି। ଏପରିକି ଘାଇ ମରାମତି ପାଇଁ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ୨ଥର ବିଭାଗକୁ ଚିଠି ଲେଖିଥିଲେ ମଧ୍ୟ ସମାଧାନ ହୋଇପାରିନି। ଜଳବନ୍ଦୀ ଅବସ୍ଥାରେ ଥିବା ଲୋକଙ୍କ ପାଇଁ ସରକାର ଡଙ୍ଗାର ବ୍ୟବସ୍ଥା କରିଛି। ପାଣିରେ ଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ଡଙ୍ଗାରେ ଉଦ୍ଧାର କରାଯାଇ ସ୍ଥାନାନ୍ତର କରାଯାଉଛି। ତେବେ ପିପିଲି ବିଡିଓ ରଶ୍ମିତା ନାଥ ଗାଁର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜଳବନ୍ଦୀ ଅବସ୍ଥାରେ ଥିବା ବନ୍ୟା ବିପନ୍ନଙ୍କ ପାଇଁ ସରକାରୀ ସ୍ତରରେ ଶୁଖିଲା ଖାଦ୍ୟ ସହିତ ପାନୀୟ ଜଳ ଯୋଗାଇ ଦେଇଛନ୍ତି ସରପଞ୍ଚ। ଏଥିସହିତ ଗାଈଙ୍କ ପାଇଁ ପ୍ରଶାସନ ପକ୍ଷରୁ ଘାସ ଯୋଗାଇ ଦିଆଯାଇଥିବା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଆଲୋକ ମିଶ୍ର କହିଛନ୍ତି।

# ପାଣି ଘେରରେ ୫୦ ଗ୍ରାମ

**ନିମାପଡ଼ା,୫।୮ (ବିଚିତ୍ରାନନ୍ଦ ସାହୁ)**

କୁଶଭଦ୍ରାନଦୀରେ ବନ୍ୟାଜଳ କ୍ରମଶଃ ହ୍ରାସ ପାଇଥିବାବେଳେ ଧନୁଆଁ ନଦୀରେ ବନ୍ୟା ତାଣ୍ଡବ ରଚିଛି। ଧନୁଆଁନଦୀରେ ନିମାପଡ଼ା ବ୍ଲକର ଧନୁଆଁ, ଅଲଣ୍ଡା, ଶଗଡ଼ା, ବଡ଼ମାଛପୁର, ଶାଇଁସଶାସନ, ବଡ଼ଶିରୁଳା, ବାମନାଳ, କାଟକୋସାଙ୍ଗ ଆଦି ୮ ପଞ୍ଚାୟତର ୫୦ ଗ୍ରାମ ପାଣିଘେରରେ ରହିଛି। ବନ୍ୟାଜଳ ପ୍ରବାହିତ ଯୋଗୁ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ବନ୍ୟାପାଣିରେ ଚାଷଜମି ସବୁ ବୁଡ଼ିଯାଇଥିବାରୁ ଧାନ ପନିପରିବା ଚାଷ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଚାଷ ଓ ଫସଲ ହରାଇ ହଜାର ହଜାର ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧନୁଆଁ ବନ୍ୟାର ବିଭୀଷିକା ଯୋଗୁ ବ୍ଲକର ଚାଷ ଜମି, ପଡ଼ିଆ ଜମି, ଗୋଚରଭୂଇଁ ଆଦି ବନ୍ୟାପାଣିରେ ବୁଡ଼ି ଜଳାର୍ଣ୍ଣବ ହୋଇପଡ଼ିଛି। ଫଳରେ ଗୃହପାଳିତ ପଶୁ ବାହାରକୁ ବାହାରି ପାରୁ ନାହାନ୍ତି। ଧନୁଆଁ, ଅଲଣ୍ଡା, କୋଟକୋସାଙ୍ଗ, ବାମନାଳ ଆଦି ପଞ୍ଚାୟତରେ ବହୁ ଗ୍ରାମ୍ୟ ରାସ୍ତା ସମେତ ବହୁ ଗାଁଗଣ୍ଡା ରାସ୍ତା ବନ୍ୟାପାଣିରେ ବୁଡ଼ିଯିବାରୁ ସାଧାରଣ ଯାତାୟାତ ବହୁଳ ବାଧାପ୍ରାପ୍ତ ହୋଇଛି। ବିଡିଓ ବସନ୍ତ ମଲ୍ଲିକ ଶନିବାର ଧନୁଆଁ, ଅଲଣ୍ଡା, ବଡ଼ଶିରୁଳା, ଶଗଡ଼ା ଆଦି ପଞ୍ଚାୟତର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ଏହି ବନ୍ୟାରେ କୌଣସି ଧନଜୀବନ ହାନି ଘଟି ନ ଥିବାବେଳେ ଚାଷଜମି ଜଳମଗ୍ନ ହୋଇପଡ଼ିଥିବାରୁ ହଜାର ହଜାର ଚାଷୀ, ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବିଡିଓ ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଂ. ବୈକୁଣ୍ଠନାଥ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାଶଙ୍କୁ ପଚାରିବାରେ, କୁଶଭଦ୍ରା ଓ ଧନୁଆଁ ନଦୀରେ ବନ୍ୟାଜଳ କମିବାରେ ଲାଗିଛି। ବିପଦର ଆଶଙ୍କା ନାହିଁ। ଲୋକେ ଆଦୌ ଆତଙ୍କିତ ହୁଅନ୍ତୁ ନାହିଁ। ବନ୍ୟା ପରିସ୍ଥିତି ପ୍ରତି ଜଳସମ୍ପଦ ବିଭାଗ ସତର୍କ ଦୃଷ୍ଟି ରହିଛି ଓ ସଜାଗ ରହିଥିବା ଦଳେଇ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଦାଶ କହିଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜଳସମ୍ପଦ ବିଭାଗ ସଦା ପ୍ରସ୍ତୁତ ରହିଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।


ପିପିଲିସ୍ଥିତ ଗୋବିନ୍ଦପୁର କ୍ଲଷ୍ଟରରେ ଶନିବାର ସଡ଼କ ସୁରକ୍ଷା ସଚେତନତା ନେଇ ଛାତ୍ରୀଛାତ୍ର ଶୋଭାଯାତ୍ରା କରୁଛନ୍ତି ।

## ସଡ଼କ ସୁରକ୍ଷା ନିୟମ ସଚେତନତା

**ପିପିଲି,୫।୮ (ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)**

ପିପିଲିସ୍ଥିତ ଗୋବିନ୍ଦପୁର କ୍ଲଷ୍ଟରରେ ଶନିବାର ନୀଳକଣ୍ଠ ନୋଡାଲ ୟୁପି, ଗୋବିନ୍ଦପୁର ନୋଡାଲ ୟୁପି, ହରିଅନ୍ତା ପିୟୁପି, ଆରୁହା ୟୁଜିୟୁପି, ଅଡଙ୍ଗପଡା ପ୍ରାଥମିକ ବିଦ୍ୟାଳୟ, କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ୟୁପି,ଶିଉଳା ପ୍ରାଥମିକ ବିଦ୍ୟାଳୟ, କୁଞ୍ଜର ପ୍ରାଥମିକ ବିଦ୍ୟାଳୟ,ତଳଉ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ହାଇସ୍କୁଲ, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାପୀଠରେ ସଡ଼କ ସୁରକ୍ଷା ନିୟମ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ସ୍ଲୋଗାନ, ପ୍ଲାକାର୍ଡମାନ ପ୍ରଦର୍ଶନ କରାଯିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶୋଭାଯାତ୍ରା ଓ ଅଭିନୟ ମାଧ୍ୟମରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋବିନ୍ଦପୁର କ୍ଲଷ୍ଟରର ସିଆର୍‌ସିସି ଚିନ୍ତାମଣି ଓଝା ତଦାରଖ କରିଥିଲେ।

## ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର କାଉନ୍‌ସିଲ ବୈଠକ

**ନିମାପଡ଼ା,୫।୮ (ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଏନ୍‌ଏସିର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୩୧ ଓ ସେପ୍ଟେମ୍ବର ପହିଲା ୨ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସମାରୋହ ବହୁ ଧୁମ୍‌ଧାମରେ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାଉନ୍‌ସିଲ ବୈଠକ ଏନ୍‌ଏସି ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ଅନାଥ ଚରଣ ସାହୁ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟଙ୍କ ସମେତ ବହୁ କାଉନ୍‌ସିଲର ଯୋଗଦେଇଥିଲେ। ନିମାପଡ଼ା ଏନ୍‌ଏସିର ୧୧ ନଂ. ୱାର୍ଡରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଏକ ଅତ୍ୟାଧୁନିକ ଉନ୍ନତମାନର ଶ୍ମଶାନ ଖୁବ୍‌ଶୀଘ୍ର ନିର୍ମାଣ କରାଯିବାକୁ ଆୟୋଜିତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ଅବସରରେ ବହୁ ନବନିର୍ମିତ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଲୋକାର୍ପିତ ହେବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ବିଧାୟକ ଦାଶ କହିଛନ୍ତି।

# ଗୋଟିପୁଅ ନୃତ୍ୟକୁ ବିଶ୍ୱମୟ କରିଥିଲେ ଗୁରୁ ମାଗୁଣି

**ପୁରୀ ଅଫିସ,୫।୮ (ଅଜିତ ମହାନ୍ତି)**

**ଗୁରୁ ମାଗୁଣି ଦାସଙ୍କ ଜୟନ୍ତୀ ଉତ୍ସବ**

ଉତ୍କଳୀୟ ସଂସ୍କୃତିର ଅନ୍ୟତମ ମାଇଲଖୁଣ୍ଟ ଗୋଟିପୁଅ ନୃତ୍ୟକୁ ବଞ୍ଚାଇ ରଖିବାକୁ ଜଣେ ଗୁରୁ ଯେ ନିଜ ସମ୍ପତ୍ତି ବିକିପାରେ ଓ ତନ୍ତରେ ଗାମୁଛା ବୁଣି ବଡ଼ଦାଣ୍ଡରେ ବିକିପାରେ, ତାହାର ଜ୍ୱଳନ୍ତ ଉଦାହରଣ ପଦ୍ମଶ୍ରୀ ସ୍ୱର୍ଗତ ମାଗୁଣି ଦାସ। କେବଳ ମଠ –ମନ୍ଦିର ନୁହେଁ, ଓଡ଼ିଶାର ବିଭିନ୍ନ ଜିଲା ତଥା ଭାରତବର୍ଷର ବିଦେଶ ମାଟିରେ ମଧ୍ୟ ଗୋଟିପୁଅ ନୃତ୍ୟକୁ ପହଞ୍ଚାଇ ବିଶ୍ୱମୟ କରିବାରେ ଗୁରୁ ମାଗୁଣି ଦାସଙ୍କୁ ଏ ଜାତି ସ୍ମରଣ ରଖିବ ବୋଲି କହିଛନ୍ତି ଉଦ୍‌ଘାଟକ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସ୍ୱତନ୍ତ୍ର ଅତିଥି ଓଡ଼ିଶା ମୋ ପରିବାରର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ। ଗୀତିକାର ବଦ୍ରି ମିଶ୍ରଙ୍କ ପରିଚାଳନାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା, ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ସହଯୋଗରେ ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ, ରଘୁରାଜପୁର ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ସ୍ୱର୍ଗତ ମାଗୁଣି ଦାସଙ୍କ ୧୦୨ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ କହିଥିଲେ, ମାଗୁଣି ଦାସଙ୍କ ସ୍ମୃତି ରକ୍ଷା, ଗୋଟିପୁଅ ତଥା ପରିଷଦର ବିକାଶମୂଳକ କାର୍ଯ୍ୟରେ ଜିଲା ପ୍ରଶାସନ ସମସ୍ତ ସହଯୋଗ ଦେବ ଓ ଏଥିପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଲୋକସଂସ୍କୃତି ଏକାଡେମୀ ଓଡ଼ିଶାର ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସଂଘର୍ଷମୟ ଜୀବନର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ସେବେନ୍ଦ୍ର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ପରେ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ, ଗୁରୁ ଆଲୋକ ବିଶୋଇଙ୍କ ନେତୃତ୍ୱରେ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ଗଞ୍ଜାମର ପଶୁମୁଖା ନୃତ୍ୟ, ଭୀମଭୋଇ କଳା ପରିଷଦ ସୁବର୍ଣ୍ଣପୁରର ସମ୍ବଲପୁରୀ ନୃତ୍ୟ, ଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ ନବପ୍ରତିଭା ପୁରୀର ମାହାରୀ, ବିଭିନ୍ନ ଜିଲାର ସଂକୀର୍ତ୍ତନ ଓ ବାଲିପୁଟର ପାଲା ପରିବେଷଣ ହୋଇଥିଲା। ଏହି ଅବସରରେ ବିଭିନ୍ନ ନୃତ୍ୟଦଳ ଓ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ସଭା କାର୍ଯ୍ୟକୁ ବସନ୍ତ ପ୍ରଧାନ ସଂଯୋଜକ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସକାଳ ସମୟରେ ଐତିହ୍ୟ ଗ୍ରାମ ରଘୁରାଜପୁର ଗୁରୁକୁଳରେ ଗୁରୁ ମାଗୁଣି ଦାସଙ୍କ ପ୍ରତିମୂର୍ତ୍ତିରେ ପୁରୀ ଜିଲାର ଅନେକ କଳାକାର ମାଲ୍ୟାର୍ପଣ କରିଥିଲେ।


ଦଶଭୁଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ସଂସ୍କୃତି ଭବନରେ ସ୍ୱର୍ଗତ ମାଗୁଣି ଦାସଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ।

## ‘ବିଜ୍ଞାନମେଳା ଦ୍ୱାରା ଜନଜୀବନ ଗତିଶୀଳ ହେଉଛି’


ବିଜ୍ଞାନ ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି ।

**ପୁରୀ,୫।୮ (ଅଜିତ୍ ମହାନ୍ତି)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚନ୍ଦନପୁରରେ ତ୍ରୟୋଦଶତମ ବିଜ୍ଞାନମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବିଜ୍ଞାନ ପରିଦର୍ଶକ ତାପସ ରଞ୍ଜନ ପ୍ରିୟଦର୍ଶନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରି ବିଜ୍ଞାନ ଓ ତା’ର ପ୍ରୟୋଗ ସମ୍ବନ୍ଧରେ ଜନ ଜୀବନ କିପରି ଗତିଶୀଳ ହେଉଛି ସେ ସମ୍ବନ୍ଧରେ ସୂଚନା ମିଳେ ବୋଲି କହିଥିଲେ। ଅନ୍ୟତମ ଅତିଥି ବରିଷ୍ଠ ଶିକ୍ଷକ ଅଭିମନ୍ୟୁ ପ୍ରଧାନ, ପରିଚାଳନା ସମିତି ସଭାପତି ସଦାଶିବ ମହାପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜ୍ଞାନ ମେଳାରେ ୧୦୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଚନ୍ଦନପୁର ଓ ଏହାର ଆଖପାଖ ଅଞ୍ଚଳରେ ବହୁଜନ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଜ୍ଞାନ ମେଳା ପରିଦର୍ଶନ କରିଥିଲେ। ସେହିପରି ଉଦ୍‌ଯାପନ ଉତ୍ସବରେ ବରିଷ୍ଠ ଶିକ୍ଷକ ଭରତଚନ୍ଦ୍ର ସେନାପତି, ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସଭାପତି ସଦାଶିବ ମହାପାତ୍ର, ଯୁଗ୍ମ ସମ୍ପାଦକ ଦିନବନ୍ଧୁ ସାମନ୍ତରା, କୋଷାଧ୍ୟକ୍ଷ ସନାତନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀ ଓ ପ୍ରକଳ୍ପଧାରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ପଣ୍ଡିତ ନୀଳକଣ୍ଠଙ୍କ ପରି ସାହିତ୍ୟିକ ଜଗତରେ ବିରଳ

**ପୁରୀ ୫।୮ (ଅଜିତ ମହାନ୍ତି)**

କ୍ରାନ୍ତିଦର୍ଶୀ ସାହିତ୍ୟ ମଞ୍ଚ ଓ ନୀଳକଣ୍ଠ ଦାଶ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଶନିବାର ପାଳିତ ହୋଇଛି। ଗିରିଜା ଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର ଯୋଗଦେଇ ସତ୍ୟବାଦୀ ବନ ବିଦ୍ୟାଳୟର କୃତିତ୍ୱ ଓ ପଣ୍ଡିତ ନୀଳକଣ୍ଠଙ୍କ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଦେଇ କହିଥିଲେ, ପଣ୍ଡିତ ନୀଳକଣ୍ଠଙ୍କ ପରି ସାହିତ୍ୟିକ ଓ ସଂସ୍କାରକ ଓଡ଼ିଆ ସାହିତ୍ୟ ଜଗତରେ ବିରଳ। ସମ୍ମାନିତ ଅତିଥି ଭାବେ ଅନାମଚନ୍ଦ୍ର ସାହୁ, ସରୋଜ ହାତୀ, ଶିବସୁନ୍ଦର ମିଶ୍ର, ବାସନ୍ତୀ ଦେବୀ, ସତ୍ୟ ନାରାୟଣ ମିଶ୍ର, ଶିକ୍ଷାବିତ ଦାଶରଥି ମହାପାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଶରତ ସାହୁ, ବିଭୂତି ଭୂଷଣ କର, ଦେବରାଜ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ଅଶୋକ ଆଢ୍ୟ, ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।କାର୍ଯ୍ୟକ୍ରମରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଉପାସକ ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଜିଲା, ବ୍ଲକ ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**ସାକ୍ଷୀଗୋପାଳ,୫।୮ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀ ବ୍ଲକରେ ଶନିବାର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ସତ୍ୟବାଦୀ ଶାଖାର ସଭାପତି ପ୍ରହ୍ଲାଦ ଦାଶ ସଭାପତିତ୍ୱ କରି ଶିକ୍ଷକଙ୍କର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ଦାବି ସମ୍ପର୍କିତ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ, ସତ୍ୟବାଦୀ ଓ ଜିଲା ଶିକ୍ଷାଧିକାରୀ ପୁରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷା ସଚିବ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଗଲା। କାର୍ଯ୍ୟକ୍ରମରେ (AUPTF)ର ଜିଲା ସଭାପତି ସୋମନାଥ ନନ୍ଦ, ସତ୍ୟବାଦୀର ସଂଘ ସମ୍ପାଦକ ବିଜୟ କିଶୋର ନନ୍ଦ, ଉପଦେଷ୍ଟା ଦୁର୍ଗାପ୍ରସାଦ ମିଶ୍ର, (NPS)ର ଜିଲା ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ସତ୍ୟବାଦୀ ଶାଖାର ସଭାପତି ଅଜୟ ପ୍ରଧାନ ଓ ସମ୍ପାଦକ ସୁମନ୍ତ ପାଲଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।


ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ଦେଶ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା କଂଗ୍ରେସର ମୂଳମନ୍ତ୍ର

**ନିମାପଡ଼ା,୫।୮ (ବିଚିତ୍ରାନନ୍ଦ ସାହୁ)**

ଦେଶରେ ଗଣତନ୍ତ୍ର ଏବେ ଏକରକମ ବିପନ୍ନ ହୋଇପଡ଼ିଛି। ଗଣତନ୍ତ୍ରକୁ ସୁରକ୍ଷା ଓ ସୁରକ୍ଷିତ ରଖିବା କଂଗ୍ରେସର ମୂଳମନ୍ତ୍ର। ଦେଶରେ ଦୁର୍ନୀତିଗ୍ରସ୍ତ, କଳଙ୍କିତ, ଭ୍ରଷ୍ଟାଚାରୀ ଭାଜପା ସରକାରକୁ ହଟାଇବାକୁ ଜାତୀୟ କଂଗ୍ରେସ ଦୃଢ଼ ସଂକଳ୍ପବଦ୍ଧ ବୋଲି କଂଗ୍ରେସର ବହୁ ରାଜ୍ୟସ୍ତରୀୟ ନେତା ଆୟୋଜିତ କଂଗ୍ରେସ କର୍ମୀ ସମାବେଶରେ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଥିଲେ। ରାଜ୍ୟରେ ଯୁବକ ତଥା ଯୁବଶକ୍ତିମାନେ ଆଗକୁ ଆସିଲେ କଂଗ୍ରେସରେ ଏକ ବିରାଟ ପରିବର୍ତ୍ତନ ଆସିବ, ଦଳୀୟ ସଂଗଠନ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ ହୋଇପାରିବ ବୋଲି ନେତୃବୃନ୍ଦମାନେ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। ନିମାପଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଶନିବାର ନିମାପଡ଼ାଠାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି


କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

(ପିସିସି) ସାଧାରଣ ସମ୍ପାଦକ ପୃଥ୍ୱୀ ପଟ୍ଟନାୟକ, ରାଜ୍ୟ ଉପସଭାପତି ଶିବାନନ୍ଦ ରାୟ, ଜିଲା କଂଗ୍ରେସ କମିଟି ସଭାପତି ଜୟନାରାୟଣ ପଟ୍ଟନାୟକ, ଉପସଭାପତି ନିରଞ୍ଜନ ରଥ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ବରିଷ୍ଠ ନେତା ଆଲୋକ ମହାନ୍ତି, ଲଲାଟେନ୍ଦୁ ଦାସ, ନିମାପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ଆଇନଜୀବୀ ବିଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ନିମାପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ମଜଭୁତ, କ୍ରିୟାଶୀଳ କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। କର୍ମୀ ଓ ନେତୃବୃନ୍ଦଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ସୁଦୃଢ଼ ହେଲେ ଦଳୀୟ ସଂଗଠନ ଆଗକୁ ବଢ଼ିବ ଓ ଶକ୍ତିଶାଳୀ ହୋଇପାରିବ ବୋଲି ନେତୃବୃନ୍ଦମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ପ୍ରାୟ ୩ଶହ କର୍ମୀ ଓ ନେତୃବୃନ୍ଦ ଯୋଗଦେଇଥିଲେ। ଅନ୍ୟପକ୍ଷରେ ବ୍ଲକ କଂଗ୍ରେସ କମିଟି ସଭାପତିଙ୍କୁ ତୁରନ୍ତ ହଟାଯିବା, ଜଣେ ଦକ୍ଷ, ପ୍ରବୀଣ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିଙ୍କୁ ନୂତନ ଭାବେ ବ୍ଲକ କଂଗ୍ରେସ କମିଟିର ନୂତନ ସଭାପତି କରାଯିବା ପାଇଁ ଦଳର ବରିଷ୍ଠ ନେତା ନିଶିକାନ୍ତ ସ୍ୱାଇଁ, ଗୋବିନ୍ଦ ମଲ୍ଲିକ, ବିଜୟ ସାହୁ, କାଳିନ୍ଦୀ ବାରିକ, ଦେବେନ୍ଦ୍ର ପ୍ରଧାନ, ବନବିହାରୀ ଦାଶଙ୍କ ସମେତ ବହୁ ତୁଙ୍ଗନେତା ରାଜ୍ୟ ଓ ଜିଲା ନେତୃବୃନ୍ଦଙ୍କ ନିକଟରେ ଦୃଢ଼ ଦାବି କରିଥିଲେ। ଏହି ନେତାଙ୍କ କଥାକୁ ସମର୍ଥନ ଜଣାଇ ବହୁ କଂଗ୍ରେସ କର୍ମୀ ବୈଠକରେ ପାଟିତୁଣ୍ଡ, ହୋହଲ୍ଲା, ଦୃଢ଼ ପ୍ରତିବାଦ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ବୈଠକରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ଉତ୍ତେଜନା ପରିସ୍ଥିତି ଯୋଗୁ ରାଜ୍ୟ ଓ ଜିଲାସ୍ତରୀୟ ନେତୃବୃନ୍ଦ ତୀବ୍ର କ୍ଷୋଭ ସହ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ବହୁ ସ୍ଥାନୀୟ ନେତୃବୃନ୍ଦଙ୍କୁ ବକ୍ତବ୍ୟ ଦେବାକୁ ସୁଯୋଗ ମିଳି ନ ଥିବାରୁ ଅସନ୍ତୋଷ ହୋଇ ସେମାନେ ହୋହଲ୍ଲା କରିଥିଲେ। ଯୁବନେତା ସଞ୍ଜୟ ନାୟକ, ଅଜୟ ମିଶ୍ର, ବିଜୟ ମଲ୍ଲିକ, ଚକ୍ରଧର ପଣ୍ଡା, ଜୟଦେବ ବରାଳ, ବିଶ୍ୱନାଥ ରଥ ପ୍ରମୁଖ ସମାରୋହ ଓ କାର୍ଯ୍ୟକ୍ରମରେ ସଂଯୋଜନା ଏବଂ ପରିଚାଳନା କରିଥିଲେ।

## ନିଷ୍ଠାପର ଶ୍ରମିକ ନେତା ଥିଲେ ଭାଗୀରଥି

କଟକ,(କାର୍ତ୍ତିକ ସାହୁ): ଭାରତୀୟ ମଜଦୁର ସଂଘ କଟକ ଜିଲା ସମ୍ପାଦକ ତଥା କଟକ ଜିଲା ଅସଂଗଠିତ ମଜଦୁର ସଂଘର ସାଧାରଣ ସମ୍ପାଦକ ଭାଗୀରଥି ବେହେରାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ସିଡିଏସ୍ଥିତ ଦତ୍ତାତ୍ରେୟ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଗୀରଥି ବେହେରା ଜଣେ ନିଷ୍ଠାପର ଶ୍ରମିକ ନେତା, ସଚ୍ଚୋଟ କର୍ମୀ, ପରୋପକାରୀ, ସାମାଜିକ କର୍ମୀ ଭାବେ ପରିଚିତ ଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସଂଘର ଜିଲା ସଭାପତି ଗୌରାଙ୍ଗ ଚରଣ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କୃଷ୍ଣଚନ୍ଦ୍ର ମିଶ୍ର, ବସନ୍ତ ସାହୁ, ଅକ୍ଷୟ ଦାସ, ରମାକାନ୍ତ ସାହୁ, ରବିନାରାୟଣ ସାହୁ, ଅଶୋକ ସ୍ୱାଇଁ, ଅଭୟ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଂଘର ଜିଲା ଉପସଭାପତି ବୈକୁଣ୍ଠ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ୫-ଟି ସଚିବଙ୍କ ଗସ୍ତକୁ ନେଇ ପ୍ରଶାସନିକ ତତ୍ପରତା

ଚୌଦ୍ୱାର,୫ା୮ (ଆଶୁତୋଷ ଦାସ)

୫-ଟି ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ମଙ୍ଗଳବାର ଚୌଦ୍ୱାର ଗସ୍ତ କରି ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଚୌଦ୍ୱାର ଆସି ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ଜନଶୁଣାଣୀ କାର୍ଯ୍ୟକ୍ରମ ପାଇଁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ସଭାସ୍ଥଳ, ବିଦ୍ୟୁତ୍ ବ୍ୟବସ୍ଥା, ହେଲିପ୍ୟାଡ୍, ବ୍ୟାରିକେଡ୍ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏଥିସହ ସଭାସ୍ଥଳରେ ଜନସାଧାରଣ ବସିବା, ଯାତାୟାତ, ପାନୀୟ ଜଳ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସମ୍ପର୍କରେ ପୌର ପ୍ରଶାସନ ଓ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବ୍ୟାଘ୍ରବାହିନୀ ମନ୍ଦିର ନିକଟ ଡାକବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କ ସମେତ ପୋଲିସ, ଜନସ୍ୱାସ୍ଥ୍ୟ, ପୂର୍ତ୍ତ, ବିଦ୍ୟୁତ୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ, ଦୁଇ ଭାଇ ଗିରଫ

ଖୁଣ୍ଟୁଣୀ,୫ା୮ (ସଚ୍ଚିଦାନନ୍ଦ ପଣ୍ଡା)

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ୨ ଭାଇଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଧାକିଶୋରପୁର ଗ୍ରାମ ଜନଜାତି ସାହିର ଧରଣୀ ନାଏକ ଓ ତାଙ୍କ ସାନଭାଇ ଅନନ୍ତ ନାଏକ। ସୂଚନା ଅନୁଯାୟୀ, ଧରଣୀ ତାଙ୍କ ଗ୍ରାମ ହାଇସ୍କୁଲ ଛକଠାରେ ରାସ୍ତା ଉପରେ ସାଇକେଲ ରଖି ସେହିବାଟେ ଯାଉଥିବା ଟ୍ରକ୍‌ଗୁଡ଼ିକୁ ଅଟକାଉ ଥିବାରୁ ରାସ୍ତା ଜାମ୍ ହେଉଥିଲା। ଏହାଦେଖି ଉକ୍ତ ଗ୍ରାମରେ ଭଡ଼ାରେ ରହୁଥିବା ସୁଦର୍ଶନ ଖିଲାର ତାଙ୍କୁ ବିରୋଧ କରିଥିଲେ। ଫଳରେ ଧରଣୀ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାପରେ ସୁଦର୍ଶନ ଘରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଧରଣୀ ଓ ଅନନ୍ତ ଲୁହା ଛଡ ଏବଂ ପାଇପ ଧରି ସୁଦର୍ଶନ ରହୁଥିବା ଭଡା ଘରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ସୁଦର୍ଶନଙ୍କ ପୁଅ ସୂର୍ଯ୍ୟକାନ୍ତ ପ୍ରତିବାଦ କରିଥିଲେ। ଫଳରେ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ସୁଦର୍ଶନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୫୩/୨୩) ରୁଜୁ କରିଥିଲା।

## ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ

ଚୌଦ୍ୱାର,୫ା୮ (ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୯ ନମ୍ବର ୱାର୍ଡ଼ର କପାଳେଶ୍ୱର ମନ୍ଦିରରେ ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅତିଥି ଭାବେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଚୌଦ୍ୱାର-କଟକ ଉନ୍ନୟନ ପରିଷଦ ସଭାପତି ବାଳକୃଷ୍ଣ ମହାନ୍ତି, ବୈକୁଣ୍ଠନାଥ ପୃଷ୍ଟି, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, କବିତାରାଣୀ ଲେଙ୍କା, ଅରୁନ୍ଧତୀ ଦାସ, ଜୟନ୍ତୀ ଲେଙ୍କା, ସସ୍ମିତା ନାୟକ ଯୋଗଦେଇଥିଲେ। ଯୁବନେତା ରାଜେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବୈଷ୍ଣବ ଚରଣ ଦାସ, କୃଷ୍ଣଚନ୍ଦ୍ର ଦାସ, ପାଜନ ପ୍ରତାପ ଦେବ, ମୁରଲୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରନେତା ଭରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ୩୦ କେଜି ବାସି ଖାଦ୍ୟ ନଷ୍ଟ, ଜରିମାନା ଆଦାୟ

କଟକ,୫ା୮ (ସୁପ୍ରିୟା ପ୍ରିୟଦର୍ଶିନୀ)

### ସିଏମ୍‌ସି ପକ୍ଷରୁ ୧୫ରୁ ଊର୍ଦ୍ଧ୍ୱ ଦୋକାନରେ ଚଢ଼ଉ

କଟକ ସହରର ଅନେକ ସ୍ଥାନରେ ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହାକୁ ଖାଇବା ଦ୍ୱାରା ଲୋକମାନେ ରୋଗର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ଓ ପରିମଳ ବିଭାଗ ପକ୍ଷରୁ ଶନିବାର ରାଣୀହାଟ ଅଞ୍ଚଳର ଫାଷ୍ଟଫୁଡ୍, ଚାଟ୍, ଆଳୁଦମ୍ ଦହିବରା ଓ ମିଠା ଦୋକାନ ଭଳି ୧୫ରୁ ଊର୍ଦ୍ଧ୍ୱ ଦୋକାନରେ ଚଢାଉ କରାଯାଇଥିଲା। ଯାଞ୍ଚବେଳେ କେତେକ ଦୋକାନରେ ବାସି ଓ ରଙ୍ଗ ମିଶା ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଥିଲା। ଫଳରେ ୩୦ କେଜିରୁ ଊର୍ଦ୍ଧ୍ୱ ଖାଦ୍ୟ ନଷ୍ଟ



ରାଣୀହାଟ ଅଞ୍ଚଳର ଏକ ଚାଟ୍ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

କରାଯିବା ସହ ଦୋକାନୀମାନଙ୍କଠାରୁ ୩୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ସ୍ୱଚ୍ଛ ପରିବେଶରେ ସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରିବାକୁ ପରାମର୍ଶ ଦିଆଯାଇଥିଲା। ଯଦି ଆଗାମୀ ଦିନରେ ସେମାନେ ପୁଣି ବାସି ଖାଦ୍ୟ ବିକ୍ରି କରନ୍ତି ତା'ହେଲେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଚଢ଼ାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର, ରଶ୍ମିତା ବେହେରା, ବିଭାସ ମଜୁମଦାର, ପରିମଳ ନିରୀକ୍ଷକ ପ୍ରମୁଖ ସାମିଲ ଥିଲେ।




୩ ଦଫା ଦାବି ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶନିବାର କଟକ ସଦର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲଦଣ୍ଡ

କଟକ ଅଫିସ,୫ା୮

### ୩ ନାବାଳିକାଙ୍କୁ ଅସଦାଚରଣ ମାମଲା

୩ ଜଣ ନାବାଳିକାଙ୍କୁ ଅସଦାଚରଣ କରିବା ମାମଲାରେ କଟକ ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଶୋକ କୁମାର ପହି ଶନିବାର ଜଣେ ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ସେହି ଜରିମାନା ଅର୍ଥ ପୀଡ଼ିତାଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଆଉ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅନ୍ତର୍ଗତ ଲୁଣିଆ ଗ୍ରାମର ନାରାୟଣ ଗିରି(୩୨)। ଏଥିସହ ପୀଡ଼ିତାମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ୨୦୧୫ ଡିସେମ୍ବର ୯ ତାରିଖରେ ନିଆଳି ଥାନା ଅନ୍ତର୍ଗତ ସିଠାଲୋ ପଞ୍ଚାୟତ କାର୍ଯ୍ୟାଳୟକୁ ଆଧାର କାର୍ଡ ଫଟୋ ଉଠାଇବାକୁ ୩ ଜଣ ନାବାଳିକା ତାଙ୍କ ଅଭିଭାବକଙ୍କ ସହ ଆସିଥିଲେ। ଆଧାର କେନ୍ଦ୍ରରେ ଫଟୋ ଉଠା ଦାୟିତ୍ୱରେ ଥିବା ନାରାୟଣ ଫଟୋ ଠିକ୍ ଭାବେ ଉଠୁନାହିଁ କହି ବାରମ୍ବାର ସେମାନଙ୍କ ମଧ୍ୟରୁ ଜଣକ ପରେ ଜଣକୁ ଡାକିବା ସହ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ସେମାନଙ୍କ ଅଭିଭାବକ ସେହିଦିନ ଅପରାହ୍ଣ ପ୍ରାୟ ୧ଟାରେ ନିଆଳି ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ୨୦୧୬ ମାର୍ଚ୍ଚ ୨୬ରେ ଅଭିଯୁକ୍ତ ଜାମିନ୍‌ରେ ମୁକୁଳିଥିଲେ। ୨୦୧୬ ଜୁନ୍ ୨୧ରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ପୋକ୍ସୋ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ବିଚାରପତି ଉପଯୁକ୍ତ ପ୍ରମାଣ ଓ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୧୦୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

କଟକ,୫ା୮ (କାର୍ତ୍ତିକ ସାହୁ)

କଟକ ଜିଲା ଅବକାରୀ ମୋବାଇଲ୍ ଟିମ୍ ପକ୍ଷରୁ ଜଗତପୁର ଗୋଲେଇ ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ଚଢ଼ାଉ କରାଯାଇ ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ନିମପୁର ବ୍ୟାରେଜ୍ କଲୋନୀର ଦୀପ୍ତିରଞ୍ଜନ ଦାସ(୩୩)ଙ୍କୁ ଶନିବାର ଗିରଫ କରାଯାଇଛି। ସେ ବ୍ୟବହାର କରୁଥିବା ବାଇକ୍ ମଧ୍ୟ ଜବତ ହୋଇଛି।

## ଜେସିବି ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା, ଗାଈ ମୃତ

କଟକ ସଦର,୫ା୮ (ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ରାସ୍ତାର କନ୍ଦରପୁର ନିକଟରେ ଶନିବାର ଏକ ଜେସିବି ଧକ୍କାରେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଥିଲା। ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନିକଟରେ ଚରୁଥିବା ଏକ ଗାଈର ମୃତ୍ୟୁ ଘଟିଥିଲା। ଏ ନେଇ କନ୍ଦରପୁର ବିଦ୍ୟୁତ୍ ସେକ୍ସନର ସହକାରୀ ପରିଚାଳକ ତୁଳସୀ ଚରଣ ଦାସ ସ୍ଥାନୀୟ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(୧୪୫/୨୩) ରୁଜୁ କରିଥିଲା। ରବିବାର ସକାଳେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତ ଗାଈର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଜ୍ଞାନବିଜ୍ଞାନମେଳାରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

କଟକ,୫ା୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ମହାନଦୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁଶ୍ରୀ ପ୍ରତିମା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଆର୍‌ଆର୍‌ଆଇର ବୈଜ୍ଞାନିକ ସୁଚରିତା ଶତପଥୀ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲର ସହଯୋଗୀ ପ୍ରଫେସର ଡା. ଅରବିନ୍ଦ ମହାପାତ୍ର(ପ୍ଲାଷ୍ଟିକ ସର୍ଜରୀ) ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦିକା ସତ୍ୟଭାମା ମହାନ୍ତି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଚକ୍ରଧର ଦାଶ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ପ୍ରତିମା ଶତପଥୀ, ସମ୍ପାଦକ ବିଷ୍ଣୁ ଚରଣ ନାୟକ, ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ପ୍ରଧାନ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସନ୍ଦୀପ କୁମାର ପଣ୍ଡା ଉପସ୍ଥିତ ଥିବାବେଳେ ସମୀର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ମୋଟ ୪୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରିଚାଳନା ସମିତି ଉପସଭାପତି ଡ. ଦେବବ୍ରତ ପୃଷ୍ଟି ଓ ସଦସ୍ୟ ଦୁଷ୍ମନ୍ତ କୁମାର ଦଳାଇ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଶୁମାନଙ୍କୁ ପ୍ରେରଣା ଦେଇଥିଲେ।

## ଅରମନ୍ ବଜାଜ୍ ପକ୍ଷରୁ ଅଟୋ ବିତରଣ




ଫୁଲନଖରା,୫ା୮ (ସତ୍ୟରଞ୍ଜନ ଦାସମହାପାତ୍ର)

ଅରମନ୍ ବଜାଜ ଅଟୋ ଶୋ ରୁମ୍ ଓ ୟୁନିୟନ୍ ବ୍ୟାଙ୍କର ମିଳିତ ସହଯୋଗରେ ଗ୍ରାହକମାନଙ୍କୁ ସାମୂହିକ ଭାବେ ୧୫ଟି ଅଟୋ ବିତରଣ କରାଯାଇଛି। ଏହି ଉପଲକ୍ଷେ କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକରେ ଥିବା ଅରମନ୍ ବଜାଜ୍ ଅଟୋ ଶୋ' ରୁମ୍‌ରେ ଶନିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ୟୁନିୟନ୍ ବ୍ୟାଙ୍କର ଡି.ଜି.ଏମ୍ ନିରଞ୍ଜନ ବାରିକ, ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ରିଜିଓନାଲ ମ୍ୟାନେଜର ଅଶୋକ କୁମାର ମିଶ୍ର ଯୋଗଦେଇ ଗ୍ରାହକମାନଙ୍କୁ ଅଟୋ ବିତରଣ କରିଥିଲେ। ଅରମନ୍ ବଜାଜ୍‌ର ବାୟୋ ଫୁଏଲ, ଡିଜେଲ ଓ ପେଟ୍ରୋଲ ଦ୍ୱାରା ଚାଳିତ ଅଟୋ ଗ୍ରାହକମାନେ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅରମନ୍ ବଜାଜ୍‌ର ଜେନେରାଲ ମ୍ୟାନେଜର ଅରବିନ୍ଦ ତ୍ରିପାଠୀ, କର୍ପୋରେଟ୍ ମ୍ୟାନେଜର ସନ୍ତୋଷ କୁମାର ବାହିନୀପତି ଓ ପ୍ରୋପ୍ରାଇଟର ସୁଶାନ୍ତ କୁମାର ମହାରଣା ଉପସ୍ଥିତ ଥିଲେ।

## ଚାକିରି ଦେବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

ଫୁଲନଖରା,୫ା୮ (ସତ୍ୟରଞ୍ଜନ ଦାସମହାପାତ୍ର)

ସରକାରୀ ଚାକିରି କରାଇ ଦେବାକୁ କହି ଟଙ୍କା ଠକି ନେବା ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅଧୀନ ନର୍ଦ୍ଧା ଗ୍ରାମର ରଜତ କୁମାର ମହାନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୮୮/୨୨)ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କଟକ ସଦର ଥାନା ଅନ୍ତର୍ଗତ କାଜିପାଟଣା ଗ୍ରାମର ଚିତ୍ତରଞ୍ଜନ ବେହେରାଙ୍କୁ ଚାକିରି କରାଇ ଦେବାକୁ କହି ୨୦୧୭ରେ ରଜତ ୨ ଲକ୍ଷ ୭୨ ହଜାର ଟଙ୍କା ନେଇଥିଲେ। ହେଲେ ଚାକିରି ନ ହେବାରୁ ଚିତ୍ତରଞ୍ଜନ ତାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ସେ ଟଙ୍କା ନ ଦେବାରୁ ଚିତ୍ତରଞ୍ଜନ ଥାନାରେ ଅଭିଯୋଗ କରିଥିଲେ।

## ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କଟକ ସଦର,୫ା୮ (ସୁଶାନ୍ତ କୁମାର ଜେନା)

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଫକୀରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ରଶ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶୁଭାଶିଷ ଶତପଥୀ ଯୋଗଦେଇ ମାତୃ ସ୍ତନ୍ୟପାନ ଦ୍ୱାରା ଶିଶୁମାନଙ୍କର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବ୍ଲକ ସୁପରଭାଇଜର ମିନତି ସିଂହ, ରଞ୍ଜିତା ମହାନ୍ତି, କାନ୍ତି ହେମ୍ବ୍ରମ, ସ୍ୱର୍ଣ୍ଣପ୍ରଭା ଶତପଥୀ, ହରପ୍ରିୟା ଦେବୀ, ମଧୁଲିତା ଦାସ ଓ ଶୁଭ୍ରା ଦାଶ ଯୋଗଦେଇଥିଲେ।

# ବିଶୃଙ୍ଖଳିତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

କଟକ,୫ା୮ (ସୁପ୍ରିୟା ପ୍ରିୟଦର୍ଶିନୀ)

### ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଭେଟିଲେ କଂଗ୍ରେସ କର୍ପୋରେଟର

ଏସ୍‌ସିବି ମେଡିକାଲରେ ଘରୋଇ ସଂସ୍ଥା ଦ୍ୱାରା କାର୍ଯ୍ୟରତ ସିକ୍ୟୁରିଟି ଗାଡି ଓ କର୍ମଚାରୀମାନେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ କଂଗ୍ରେସ କର୍ପୋରେଟର ସନ୍ତୋଷ କୁମାର ଭୋଳ ଶନିବାର ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ସୁଧାଂଶୁ ଶେଖର ମିଶ୍ରଙ୍କୁ ଭେଟି ଆଲୋଚନା କରିଛନ୍ତି। କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲେ ରିପୋର୍ଟରେ ତାଙ୍କ ନାମ ଠିକ୍ ଥିଲାବେଳେ କମ୍ପ୍ୟୁଟରରେ ଭୁଲ୍ ନାମ ଆସୁଛି। ରେକର୍ଡ ବିଭାଗରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ଯଦି କୌଣସି ବ୍ୟକ୍ତି ଏ ବାବଦରେ ପଚାରୁଛନ୍ତି ସେ ତାଙ୍କୁ ଦୁର୍ବ୍ୟବହାର କରୁଥିବା ବାରମ୍ବାର ଅଭିଯୋଗ ହେଉଛି। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଭଳି ଅବ୍ୟବସ୍ଥାରେ



ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ କର୍ପୋରେଟର ଆଲୋଚନା କରୁଛନ୍ତି ।

ସୁଧାର ଆଣିବା ସହ ଜନସାଧାରଣଙ୍କୁ କିପରି ସୁବିଧାରେ ସେବା ମିଳିପାରିବ ସେଥିପ୍ରତି ଯତ୍ନବାନ ହେବା, ବିଶୃଙ୍ଖଳିତ କର୍ମଚାରୀଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା ହୋଇଥିଲା। ଏଥିରେ କର୍ପୋରେଟର ଜେ. କାମେଶ୍ୱର ରାଓ, ବଟକୃଷ୍ଣ ସାହୁ, ସୁଭାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଲିଜାରାଣୀ ରାଉତ, ଜନାର୍ଦ୍ଦନ ପରିଡା, ଅଶ୍ୱିନୀ ମହାରଣା, ଭାରତୀ ଦାସ, ଲକ୍ଷ୍ମୀପ୍ରିୟା ଦାସ, ପୁଷ୍ପାଞ୍ଜଳି ଦାସ, ସୁଜାତା ଦାସ, ଅନ୍ନପୂର୍ଣ୍ଣା ସୂତାର, ଅଞ୍ଜଳି ସାମଲ ଏବଂ ପ୍ରେମ୍ ବାହାଦୁର ପ୍ରମୁଖ ଉପସ୍ଥିତ ଥିଲେ।



କଟକ ମହାନଗର ନିଗମ ଅଧୀନ ୧ ନଂ. ୱାର୍ଡ ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଭାଜପା ପକ୍ଷରୁ ଶନିବାର ବିଡାନାସୀ ବନ୍ଧଛକଠାରେ ଗଣଧାରଣା।



କଟକ ତୁଳସୀପୁରସ୍ଥିତ ଏକ ମଣ୍ଡପ ପରିସରରେ ଆପ୍ ଔର ହମ୍ ଅନୁଷ୍ଠାନ ପକ୍ଷରୁ ସୁନ୍ଦରାଖଣ୍ଡ ଓ ହନୁମାନ ଚାଳିଶା ପଠନ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୫।୦୮।୨୦୨୩

| | |
|---|---|
| ୫,୮୯, ୮୫୩ ଟଙ୍କା | |
| ସୁନା | ୧୧.୬୫୦ ଗ୍ରାମ |
| ରୁପା | ୧୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ହେଲ୍‌ଥ ଚେକ୍‌ଅପ୍, ଭିଏସ୍‌ଏସ୍ ନଗର, ୱାଟର ପାର୍କ ନିକଟ, ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବକ୍ତୃତାମାଳା, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ପୂର୍ବାହ୍ନ ୧୧ଟା।
- ରେ' ଏକାଡେମୀ ଫେଲିସିଏଶନ ସେରିମନି, ରେଡ୍‌କ୍ରସ ଭବନ, ୟୁନିଟ୍-୯, ଅପରାହ୍ନ ୩ଟା ୧୫।
- ସାଧନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନାଟ୍ୟ ସମାହାର, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବାଗ୍‌ଦେବୀ ଲେକ୍ଚର ଟ୍ରଷ୍ଟ ପକ୍ଷରୁ ନାଟକ 'ଅପେକ୍ଷାରେ... ରାମଚନ୍ଦ୍ର', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

କଟକ

- ଉତ୍କଳ ଗାନ୍ଧୀ ସ୍ମାରକ ନିଧି ସମେତ ଅନ୍ୟ ସଂଗଠନ ପକ୍ଷରୁ ସାମ୍ବିଧାନିକ ମୂଲ୍ୟବୋଧ, ଗଣତନ୍ତ୍ର ଓ ଆମ ଦାୟିତ୍ୱ ଶୀର୍ଷକ ଆଲୋଚନାଚକ୍ର, ଗାନ୍ଧୀ ଭବନ, ବାଖରାବାଦ, ପୂର୍ବାହ୍ନ ୧୧ଟା।

# ଜାଲ୍ ସାର୍ଟିଫିକେଟ ଦେଇ ଅଧ୍ୟାପକ ଗିରଫ

- ୨ଟି ପର୍ଯ୍ୟାୟରେ ୩୩ ହଜାର ଟଙ୍କା ନେଇଥିଲେ
- ସାର୍ଟିଫିକେଟ, ଆଧାରକାର୍ଡ ଓ ମୋବାଇଲ ଜବତ

ଖୋର୍ଦ୍ଧା,୫।୮ (ପ୍ରଭାତ ପାଣିଗ୍ରାହୀ)

ଛାତ୍ରଙ୍କୁ ଜାଲ୍ ଯୁକ୍ତ ୨ ସାର୍ଟିଫିକେଟ ଦେବା ଅଭିଯୋଗରେ ଶନିବାର ଖୋର୍ଦ୍ଧା ସଦର ଥାନା ପୋଲିସ ଜଣେ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ତପନ କୁମାର ପୃଷ୍ଟି (୩୨)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତାଙ୍କ ନିକଟରୁ ନକଲି ମାର୍କଶିଟ୍, ପ୍ରୋଭିଜନାଲ ସାର୍ଟିଫିକେଟ, ଟ୍ରାନ୍ସଫର ସାର୍ଟିଫିକେଟ, ଆଧାରକାର୍ଡ, ମୋବାଇଲ, ବିଜ୍ଞାପନ ବାହାରିଥିବା କାଗଜ, ଟଙ୍କା ନେଣଦେଣର କପି ଜବତ ହୋଇଛି। ତପନଙ୍କ ଘର ଯାଜପୁର ଜିଲା କୁଖାଖିଆ ଥାନା ଅଧୀନ ହାଟସାହି ହୋଇଥିବା ବେଳେ ସେ ଖୋର୍ଦ୍ଧାର ଠେଙ୍ଗାହାଟ ଛକରେ ରହୁଥିଲେ।

ସୂଚନା ମୁତାବକ, ଦଧିମାଛଗାଡିଆ ଅଞ୍ଚଳର ଅଭିଷେକ କୁମାର ସାମନ୍ତରାୟ ଉକ୍ତ କଲେଜରେ ଯୁକ୍ତ ୨ରେ ପଢୁଥିଲେ। ତେବେ ପରୀକ୍ଷାରେ ଫେଲ୍ ହେବା ପରେ ତାଙ୍କୁ ଏକ ପାସ ସାର୍ଟିଫିକେଟ ଯୋଗାଇଦେବାକୁ ଅଧ୍ୟାପକ ତପନ କହିଥିଲେ। ଜାତୀୟ ମୁକ୍ତ ବିଦ୍ୟାଳୟରୁ ଯୁକ୍ତ ୨କଳା ପାସ୍ ସାର୍ଟିଫିକେଟ ପାଇଁ ଅଭିଷେକଙ୍କୁ ୪୦ହଜାର ଟଙ୍କା ମାଗିଥିଲେ। ଅଭିଷେକ ତାଙ୍କୁ ଦୁଇଟି ପର୍ଯ୍ୟାୟରେ ୩୩ ହଜାର ଟଙ୍କା ଦେଇଥିଲେ। ହେଲେ ଅଧ୍ୟାପକ ତପନ ତାଙ୍କୁ ଦେଇଥିବା ସାର୍ଟିଫିକେଟ ଜାଲ୍ ବୋଲି ପରବର୍ତ୍ତୀ ସମୟରେ ଅଭିଷେକ ଜାଣିବାକୁ ପାଇଥିଲେ। ଏନେଇ ଅଭିଷେକ ଗତ ୩ ତାରିଖରେ ସଦରଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୨୧/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସଦର ଏସ୍‌ଡିପିଓ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଏସ୍‌ଆଇ ଏସ୍. ଦଳାଇ, ଜେ.କେ. ଭଞ୍ଜ ଏବଂ ଅନ୍ୟ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଏହାର ଛାନଭିନ ଆରମ୍ଭ କରିଥିଲା। ଏହା ପରେ ପୋଲିସ ତପନଙ୍କୁ ଥାନାକୁ ଆଣି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ତଦନ୍ତ ସମୟରେ ତପନ ଅଭିଯୋଗକାରୀ (ଅଭିଷେକ)ଙ୍କୁ ଜାଲ୍ ସାର୍ଟିଫିକେଟ ଦେବା ସହିତ ଦୁଇଟି ପର୍ଯ୍ୟାୟରେ ଟଙ୍କା ନେଇଥିଲେ ବୋଲି ସ୍ୱୀକାର କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ତେବେ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ସ୍ୱାଇଁ କହିଛନ୍ତି।



ଗିରଫ ଅଧ୍ୟାପକ ତପନ କୁମାର ପୃଷ୍ଟି।

# ହୋଟେଲରୁ ମିଳିଲା ଯୁବତୀଙ୍କ ଝୁଲନ୍ତା ମୃତଦେହ

## ହତ୍ୟା ନା ଆତ୍ମହତ୍ୟା
## ପୋଲିସର ଛାନ୍‌ଭିନ୍

ଭୁବନେଶ୍ୱର,୫।୮ (ସୂର୍ଯ୍ୟକାନ୍ତ ବେହେରା)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ରେ ଥିବା ଦୀପାଳି ହୋଟେଲ କମ୍ ବାର୍‌ର ଏକ ରୁମ୍‌ରୁ ଶନିବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତା ଯୁବତୀ ହେଲେ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)। ସେ ଗେଷ୍ଟ ଭାବେ ଏକ ରୁମ୍ ବୁକ୍ କରି ରହିଥିଲେ। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉକ୍ତ ରୁମ୍‌କୁ ସିଲ୍ କରିଛି। ଏନେଇ ତାଙ୍କ ଘରକୁ ଖବର ଦିଆଯାଇଛି। ପରିବାର ଲୋକେ ଆସିବା ପରେ ମୃତଦେହ ରବିବାର ପୋଷ୍ଟମର୍ଟମ ପାଇଁ ପଠାଯିବ। ଏଥିସହ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକାରୀ ଶ୍ୟାମ ସୁନ୍ଦର ରାଓ କହିଛନ୍ତି।

ପୋଲିସ ସୂଚନାନୁସାରେ, ଶୁଭଲକ୍ଷ୍ମୀ ଶୁକ୍ରବାର ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍ ବୁକ୍ କରି ରହିଥିଲେ। କିନ୍ତୁ ଶନିବାର ଅପରାହ୍ଣ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ କରିବାକୁ ତଳ ମହଲାକୁ ଆସି ନ ଥିଲେ। ହୋଟେଲର ଜଣେ କର୍ମଚାରୀଙ୍କ ସନ୍ଦେହ ହେବାରୁ ସେ ବାହାରୁ ଡାକିଥିଲେ। ହେଲେ ଯୁବତୀ ଜଣକ କୌଣସି ଉତ୍ତର ନ ଦେବାରୁ କର୍ମଚାରୀ ଜଣକ ମ୍ୟାନେଜରଙ୍କୁ ଜଣାଇଥିଲେ। ଖବର ପାଇ ମ୍ୟାନେଜର ଉକ୍ତ ରୁମ୍‌ର କବାଟ ଭାଙ୍ଗି ଭିତରକୁ ପଶିବାରୁ ଯୁବତୀ ଜଣଙ୍କ ଓଢଣୀ ଦ୍ୱାରା ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ପୋଲିସକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ମୃତା ଯୁବତୀ ଜଣଙ୍କ ବାର୍‌ଗାର୍ଲ ବୋଲି ଚର୍ଚ୍ଚା ହେଉଥିବା ବେଳେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ସେଇ ଦିଗକୁ ନେଇ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

ପୁରୀ ୫।୮ (ଅଜିତ ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସନ୍ଧ୍ୟା ସମୟରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହୋଇ ଭକ୍ତମାନେ ଭିତର କାଠ ନିକଟରେ ଦର୍ଶନ କରୁଥିଲେ। ଏହି ସମୟରେ ସନ୍ଧ୍ୟା ଆଳତି ପାଇଁ ପ୍ରସ୍ତୁତି ଚାଲିଥିଲା। ତେବେ ଭିତର କାଠ ନିକଟରେ ବାନ୍ତି ପଡିଥିବା ଦେଖିବାକୁ ମିଳିଥିଲା। ଏହା ଦେଖିବା ପରେ ସଙ୍ଗେସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ ଧୁଆହୋଇ ଚୂନପାଣି ପଡ଼ିଥିଲା। ଚୂନପାଣି ପଡ଼ିବା ପରେ ମହାସ୍ନାନ ନୀତି କରାଯାଇଥିଲା। ସନ୍ଧ୍ୟା ୭ଟା ୪୦ରେ ମହାସ୍ନାନ ଶେଷ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପାଇଁ ପ୍ରାୟ ପାଖାପାଖି ୧ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ନୀତି ସରିବା ପରେ ପୁଣିଥରେ ନୀତିକାନ୍ତି ଆଗେଇଥିଲା। ତେବେ ଚଳିତ ସପ୍ତାହରେ ଦ୍ୱିତୀୟଥର ପାଇଁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ହୋଇଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କଲେ ବିଇଓ

## ବିନା ଦରଖାସ୍ତରେ ଅନୁପସ୍ଥିତ ଥିଲେ

**ଗୋପ,୫।୮ (ଭାରତୀ ଭୂଷଣ ଉପାଧ୍ୟାୟ):** ସରକାରୀ ନିୟମକୁ ଉଲ୍ଲଂଘନ କରିଥିବାରୁ ଗୋପ ବ୍ଲକ ଅନ୍ତର୍ଗତ ମହଲପଡା ପଞ୍ଚାୟତ ଅଧୀନ ବଡ କୁନ୍ଦୁରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପୃଷ୍ଟି ନିଲମ୍ବିତ ହୋଇଛନ୍ତି। ଶନିବାର ଗୋପ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସୁନୀଲ କୁମାର ବ୍ରହ୍ମା ଚିଠି ନମ୍ବର ୧୩୭୯, ତା୫/୮/୨୦୨୩ରେ ନିଲମ୍ବିତ କରିଛନ୍ତି। ପ୍ରକାଶ ଯେ, କିଛିଦିନ ଧରି ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପୃଷ୍ଟିଙ୍କ ନାମରେ ବିଭିନ୍ନ ଅଭିଯୋଗମାନ ଆସୁଥିବା ସମୟରେ ଶନିବାର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଶିକ୍ଷା ଅଧିକାରୀ ଅଶୋକ କୁମାର ବେହେରା, ବେଣୁଧର ମଲ୍ଲିକ ବଡ଼ କୁନ୍ଦୁରା ପ୍ରାଥମିକ ବିଦ୍ୟାଳୟରେ ଅଭିଯୋଗର ତଦନ୍ତ ପାଇଁ ପହଞ୍ଚିଥିଲେ। ମାତ୍ର ଏହି ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ସରକାରୀ ନିୟମକୁ ଉଲ୍ଲଂଘନ କରି ବିନା ଛୁଟି ଦରଖାସ୍ତରେ ୫ଦିନ ଧରି ଅନୁପସ୍ଥିତ ରହିଥିବା ଜଣାପଡିଥିଲା। ଏପରି ଏକ ଗୁରୁତର ଅଭିଯୋଗ ସମ୍ପର୍କରେ ଦୁଇ ତଦନ୍ତକାରୀ ଅଧିକାରୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ। ଏହି ଅଭିଯୋଗକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମା ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଥିବା କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି।

# ସର୍ବସାଧାରଣଙ୍କ ପାଇଁ ଖୋଲିଲା ହାଇକୋର୍ଟ



ହାଇକୋର୍ଟ ପରିଦର୍ଶନରେ ଆସିଥିବା ଜନସାଧାରଣ ବିଚାର ବ୍ୟବସ୍ଥା ସମ୍ପର୍କରେ ଅବଗତ ହେଉଛନ୍ତି।

## ପ୍ରଥମ ଶନିବାରରେ ୨୭ ପରିଦର୍ଶକ

କଟକ,୫।୮ (କାର୍ତ୍ତିକ ସାହୁ)

ସର୍ବସାଧାରଣଙ୍କ ପାଇଁ ଓଡ଼ିଶା ହାଇକୋର୍ଟ ଖୋଲିଛି। ଶନିବାର ପ୍ରଥମ ଦିନରେ ମହିଳା, ପୁରୁଷ ଓ ପିଲା ମିଶି ମୋଟ ୨୭ ଜଣ ହାଇକୋର୍ଟ ପରିଦର୍ଶନ କରି ଆନନ୍ଦିତ ହୋଇଛନ୍ତି। ବିଚାର ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ହାଇକୋର୍ଟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ହାଇକୋର୍ଟ ଅଧିକାରୀମାନେ ପରିଦର୍ଶକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସେମାନେ ହାଇକୋର୍ଟର ଐତିହାସିକ କୋଠା, ନୂତନ କୋଠାରେ ଥିବା ବିଚାରପତିମାନଙ୍କ କୋର୍ଟ ରୁମ୍ ସମେତ ହାଇକୋର୍ଟର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକ ବୁଲି ଦେଖିଥିଲେ। ଏପରି କି ଅଦାଲତର ବିଚାର ପ୍ରକ୍ରିୟାକୁ ଭିଡିଓ ଆକାରରେ ଦେଖିଥିଲେ। ସେହିପରି ହାଇକୋର୍ଟର ପ୍ରତିକୃତିକୁ ମଧ୍ୟ ସେମାନେ ଦେଖିବାର ସୁଯୋଗ ପାଇଥିଲେ।

ସୂଚନାଯୋଗ୍ୟ, ହାଇକୋର୍ଟ ପକ୍ଷରୁ ସର୍ବସାଧାରଣଙ୍କ ପରିଦର୍ଶନ ନିମନ୍ତେ ଛୁଟିଦିନ ବ୍ୟତୀତ ପ୍ରତି ଶନିବାର ଦୁଇଟି ପର୍ଯ୍ୟାୟରେ ବ୍ୟବସ୍ଥା କରାଯାଇଛି। ପ୍ରତି ପର୍ଯ୍ୟାୟରେ ୪୦ ଜଣ ଲେଖାଏ ଲୋକଙ୍କୁ ହାଇକୋର୍ଟ ଭିତରକୁ ପ୍ରବେଶ କରିବାକୁ ଦିଆଯିବ। ପ୍ରଥମ ପର୍ଯ୍ୟାୟ ପୂର୍ବାହ୍ନ ୧୦ଟାରୁ ସାଢେ ୧୧ଟା ଓ ଦ୍ୱିତୀୟ ପର୍ଯ୍ୟାୟ ପୂର୍ବାହ୍ନ ସାଢେ ୧୧ଟାରୁ ଅପରାହ୍ନ ୧ଟା ଯାଏ ସମୟ ସ୍ଥିର କରାଯାଇଛି। ଗତ ୩ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ କପି ସେକ୍ସନରେ ଭିଜିଟର୍ସ ପାସ୍ ପ୍ରଦାନ କରାଯାଇଥିଲା। ହାଇକୋର୍ଟ ବୁଲିବାକୁ ଚାହୁଁଥିବା ବ୍ୟକ୍ତିମାନେ ପଞ୍ଜୀକରଣବେଳେ ନିଜର ପରିଚୟ ପତ୍ର ପ୍ରଦାନ କରିବେ। ଏଥିସହ ପରିଦର୍ଶନବେଳେ ପରିଚୟପତ୍ର ଓ ପାସ୍ ଉଭୟ ସାଙ୍ଗରେ ଆଣିବେ ବୋଲି କୁହାଯାଇଛି। ଖୁବ୍‌ଶୀଘ୍ର ଅନ୍‌ଲାଇନ୍‌ରେ ଏହି ପଞ୍ଜିକରଣ ଆରମ୍ଭ ହେବ ବୋଲି ଜଣାଯାଇଛି।

# ଡେଲିଭରି ବୟଙ୍କ ପତ୍ତା ମିଳୁନି, ପୋଲିସ ଚୁପ୍

ଭୁବନେଶ୍ୱର,୫।୮ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ହାଉସିଂ ବୋର୍ଡ କଲୋନିରୁ ଜଣେ ଯୁବକ ୨ଦିନ ନିଖୋଜ ଅଛନ୍ତି। ସେ ହେଲେ ମୃତ୍ୟୁଞ୍ଜୟ ମହାପାତ୍ର। ସେ ଡେଲିଭରି ବୟ ଭାବେ କାମ କରନ୍ତି। ସୂଚନାନୁସାରେ, ମୃତ୍ୟୁଞ୍ଜୟ ଶୁକ୍ରବାର ସକାଳ ୧୦ଟାରୁ ଡେଲିଭରି ଦେବାକୁ ଯାଇ ଆଉ ଘରକୁ ଫେରିନାହାନ୍ତି। ନିଖୋଜ ହେବା ପରେ ପରିବାର ଲୋକେ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଖୋଜାଖୋଜିରେ ସହଯୋଗ କରୁ ନ ଥିବା ମୃତ୍ୟୁଞ୍ଜୟଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାହ୍ନା



@ ଶିବ



@ ଶିବାଶିଷ



@ ଅଭିଷେକ



@ ପିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟର ୧୩୮ ଇନ୍ସପେକ୍ଟରଙ୍କ ବଦଳି

## କମିଶନରେଟ ପୋଲିସରୁ ଯିବେ ୧୦, ଆସିବେ ୧୧

ଭୁବନେଶ୍ୱର,୫।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟରେ ଇନ୍ସପେକ୍ଟର ସ୍ତରରେ ଶନିବାର ବଡ଼ ଧରଣର ଅଦଳବଦଳ ହୋଇଛି। ବିଭିନ୍ନ ଜିଲାରେ କାର୍ଯ୍ୟରତ ୧୩୮ଜଣ ଇନ୍ସପେକ୍ଟରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ କମିଶନରେଟ ପୋଲିସର ଭୁବନେଶ୍ୱରରେ ଅବସ୍ଥାପିତ ୧୦ଜଣ ଇନ୍ସପେକ୍ଟର ରହିଛନ୍ତି। ସିଡିଏ ଫେଜ୍-୨ ଥାନା ଇନ୍ସପେକ୍ଟର ଅନିତା ସାହୁ ଓ ପାହାଳ ଥାନା ଅଧିକାରିଣୀ ସୁଚିତ୍ରା ପରିଡାଙ୍କୁ ବ୍ରହ୍ମପୁର ଥାନାକୁ ବଦଳି କରାଯାଇଥିବା ବେଳେ କଟକ କନ୍ଦରପୁର ଥାନା ଆଇଆଇସି ବିପିନ ବିହାରୀ ହୋତା, ଭୁବନେଶ୍ୱର ଡିସିପି ଅଫିସରେ ଥିବା ବନିତା ମହାରଣା, ଶହୀଦନଗର ଥାନାର ଅତିରିକ୍ତ ଆଇଆଇସି ସନ୍ଧ୍ୟାରାଣୀ ସିଂ ଓ ମହିଳା ଥାନା ଅଧିକାରିଣୀ ଶୁଭଶ୍ରୀ ପଣ୍ଡା ଏବଂ କଟକ ସାଇବର ଥାନା ଆଇଆଇସି ଚନ୍ଦ୍ରିକା ସ୍ୱାଇଁଙ୍କୁ ଗଞ୍ଜାମକୁ ବଦଳି କରାଯାଇଛି। ଲିଙ୍ଗରାଜ ଥାନାରେ କାର୍ଯ୍ୟରତ ଶରତ ଚନ୍ଦ୍ର ପାତ୍ରଙ୍କୁ ଯାଜପୁର ଓ ଭରତପୁର ଥାନାଧିକାରୀ ବିଭୁଦତ୍ତ ରାଉତରାୟଙ୍କୁ ଅନୁଗୋଳକୁ ବଦଳି କରାଯାଇଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ଥାନାରୁ ୧୧ଜଣ ଇନ୍ସପେକ୍ଟରଙ୍କୁ ଭୁବନେଶ୍ୱର କମିଶନରେଟ ପୋଲିସକୁ ବଦଳି ହୋଇଛି। ସିଆଇଡିସିବିରେ କାର୍ଯ୍ୟ କରୁଥିବା ଲକ୍ଷ୍ମୀଧର ହାଂସଦାଙ୍କୁ ରାଉରକେଲା ଓ ପ୍ରିୟଦର୍ଶିନୀଙ୍କୁ ମୟୂରଭଞ୍ଜକୁ ବଦଳି କରାଯାଇଛି। ଭୁବନେଶ୍ୱର ଏସ୍‌ସିଆର୍‌ବି ଦାୟିତ୍ୱରେ ଥିବା ଆଇଆଇସି ଅଞ୍ଜଳି ଛୋଟରାୟ ପୁଣି କମିଶନରେଟ ପୋଲିସରେ କାର୍ଯ୍ୟ କରିବେ। ଅନ୍ୟପକ୍ଷରେ ସୁନ୍ଦରଗଡରେ କାର୍ଯ୍ୟ କରୁଥିବା ୧୦ ଜଣ ଇନ୍ସପେକ୍ଟର ର୍‍ୟାଙ୍କ୍‌ର ଅଧିକାରୀଙ୍କୁ ମଧ୍ୟ ଭିନ୍ନ ଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଗଞ୍ଜାମର ୧୯ଜଣ ଓ ବ୍ରହ୍ମପୁରର ୭ଜଣ ଅଧିକାରୀଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି। ଏମାନଙ୍କ ମଧ୍ୟରୁ ୭ଜଣ କମିଶନରେଟ ପୋଲିସରେ କାର୍ଯ୍ୟ କରିବେ। ତେବେ ଏହି ବଦଳି ପରେ ଗାଦି ଛାଡୁ ନ ଥିବା ଅନ୍ୟ ଅଧିକାରୀଙ୍କର ମଧ୍ୟ ଖୁବ୍‌ଶୀଘ୍ର ବଦଳି ହେବ ବୋଲି ସୂଚନା ମିଳିଛି।

# ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଚୟନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୫।୮ (ଅସମାପିକା ସାହୁ)

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ ଓ ପୁରସ୍କୃତ କରିବେ ରାଜ୍ୟ ସରକାର। ଏଥିପାଇଁ ଚଳିତ ବର୍ଷଠାରୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ ନେଇ ଘୋଷଣା କରାଯାଇଛି। ଖୁବ୍‌ଶୀଘ୍ର ଏଥିପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ପୁରସ୍କାର ନିମନ୍ତେ ସମସ୍ତ ପ୍ରକ୍ରିୟାର ପରିଚାଳନା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୱେବ୍ ପୋର୍ଟାଲ୍ ମାଧ୍ୟମରେ କରାଯିବ। ଏଥିପାଇଁ 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ୱେବ୍‌ସାଇଟ୍ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା), ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ(ଏସ୍‌ସିଇଆର୍‌ଟି) ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ସମସ୍ତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ, ପ୍ରତ୍ୟେକ ଜିଲାର ଜଣେ ଲେଖାଏ ଶିକ୍ଷକ ପ୍ରଶିକ୍ଷକ, ଯୋଜନା ସଂଯୋଜକମାନେ ଯୋଗଦେଇ ୱେବସାଇଟ୍‌ରେ ପୁରସ୍କାର ସମ୍ପର୍କିତ ସମସ୍ତ ବ୍ୟବସ୍ଥା ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଥିଲେ। ୱେବ୍‌ସାଇଟ୍ କିପରି କାର୍ଯ୍ୟ କରିବ, ତାହାର ଡେମୋ ଦେଖିଥିଲେ। ଏହି ପୁରସ୍କାର କ'ଣ, କିପରି ଦିଆଯାଏ, କେଉଁମାନଙ୍କୁ ଦିଆଯାଏ, ଏହାର ଚୟନ ପ୍ରକ୍ରିୟା କିପରି ରହିଛି ଆଦି ସମସ୍ତ ବିଷୟ ୱେବସାଇଟରେ ଉପଲବ୍ଧ ରହିଛି। ଏସ୍‌ସିଇଆର୍‌ଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ 'ମୋ ସ୍କୁଲ'ର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି ପୁରସ୍କାର ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଭଳି ଏକ ଅଭିନବ ପଦକ୍ଷେପ ସାରା ଦେଶରେ ପ୍ରଥମ ବୋଲି ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ମନୋଜ ପାଢ଼ୀ କହିଥିଲେ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ 'ମୋ ସ୍କୁଲ'ର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି ଓ ପ୍ରଶିକ୍ଷଣ ନେଉଥିବା ଅଧ୍ୟକ୍ଷ, ଶିକ୍ଷକ ପ୍ରଶିକ୍ଷକ, ଯୋଜନା ସଂଯୋଜକ।

